ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୪ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 SEPTEMBER 2020

Vol.No. 30 ■ No. 233 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

ତିନୋଟି ମହତ୍ତ୍ୱକାଂକ୍ଷୀ ପେଟ୍ରୋଲିୟମ ପ୍ରକଳ୍ପର ଲୋକାର୍ପିତ

କରୋନା ସମୟରେ ଗରିବଙ୍କ ଜୀବନକୁ ପରିବର୍ତ୍ତନ କରିଛି ଉଜ୍ଜଳା ଯୋଜନା : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୩।୯ (ନି.ପ୍ର): ଉଜ୍ଜଳା ଯୋଜନା ଦ୍ୱାରା ଗରିବଙ୍କ ଜୀବନରେ କଣ ପରିବର୍ତ୍ତନ ଆସିଛି, ବିଶେଷ ଭାବରେ ଏହା କରୋନା ମହାମାରୀ ସମୟରେ ଜଣାପଡିଛି । ଏହି ଯୋଜନାରେ ଦେଶର ୮ କୋଟି ଗରିବ ପରିବାରଙ୍କ ପାଖରେ ଗ୍ୟାସ ପହଁଚିଥିବା ବେଳେ କରୋନା ମହାମାରୀ ସମୟରେ ଦେଶରେ ଗ୍ୟାସ ଯୋଗାଣକୁ ସୁନିଶ୍ଚିତ କରାଯାଇଛି ବୋଲି ରବିବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ସାହାଯ୍ୟରେ ବିହାରରେ ପେଟ୍ରୋଲିୟମ କ୍ଷେତ୍ରର ତିନୋଟି ମହତ୍ତ୍ୱକାକ୍ଷୀ ପ୍ରକଳ୍ପର ଲୋକାର୍ପଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଲୋକାର୍ପିତ ହୋଇଯାଇଥିବା ପ୍ରକଳ୍ପ ଗୁଡିକ ହେଲା ପାରାଦୀପ-ହଳଦିଆ-ଦୁର୍ଗାପୁର-ମୁଜାଫରପୁର ପାଇପଲାଇନର ବାଙ୍କା ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ବିହାରର ବାଙ୍କା ଠାରେ ଏଲପିଜି ବଟଲିଂ ପ୍ଲାଂଟ ଏବଂ ଚମ୍ପାରନରେ ଏଲପିଜି ବଟଲିଂ ପ୍ଲାଂଟ୍ । ଏହି ଭର୍ଚୁଆଲ ଉଦ୍‌ଘାଟନ ସମାରୋହରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଆଜି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିବା ପାରାଦୀପ-ହଳଦିଆ-ଦୁର୍ଗାପୁର- ମୁଜାଫରପୁର ପାଇପଲାଇନର ଦୁର୍ଗାପୁର ବାଙ୍କା ସେକ୍ସନ ଓ ଅନ୍ୟାନ୍ୟ ପ୍ରକଳ୍ପ 'ମିଶନ ପୂର୍ବୋଦୟ'ରେ ବଡ ପଦକ୍ଷେପ । ସେ କହିଛନ୍ତି ଏହି ପାଇପଲାଇନ ପ୍ରକଳ୍ପର ନିର୍ମାଣ ଏବଂ ସଂପ୍ରସାରଣ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ସେହିପରି ଇଣ୍ଡିଆନ ଅଏଲର ବାଙ୍କା ସ୍ଥିତ ଏଲପିଜି ବଟଲିଂ ପ୍ଲାଂଟ୍ ବାର୍ଷିକ ୮୫ ଲକ୍ଷ ଗ୍ୟାସ ସିଲିଣ୍ଡର ଉତ୍ପାଦନ କରିବ ଓ ବିହାରରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ । ସେହିପରି ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍(ଏଚପିସିଏଲ)ର ଚମ୍ପାରନ ଠାରେ ବାର୍ଷିକ ୧ ଲକ୍ଷ ୨୦ ହଜାର କ୍ଷମତା ବିଶିଷ୍ଟ ଏଲପିଜି ବଟଲିଂ ପ୍ଲାଂଟ ବିହାରବାସୀଙ୍କ ଜୀବନଶୈଳିକୁ ପରିବର୍ତ୍ତନ କରିବାରେ ବଡ ଭୂମିକା ନେବ । ତେବେ ବିହାରରେ ଦୁଇଟି ଏଲପିଜି ବଟଲିଂ ପ୍ଲାଟ୍ ସ୍ୱଚ୍ଛ ଇନ୍ଧନ ଏବଂ ଏଲପିଜିର ବଢୁଥିବା ଆବଶ୍ୟକତାକୁ ପୂରଣ କରିବ ଏବଂ ବିହାରକୁ ଆତ୍ମନିର୍ଭର କରିବା ସହ ମହିଳାଙ୍କୁ ମଧ୍ୟ ସଶକ୍ତ କରିବ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅମଳରେ ପୂର୍ବ ଭାରତର ବିକାଶକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି । ▶▶ପୃଷ୍ଠା ୭

ପରଲୋକରେ ବର୍ଷିଆନ୍ ଚଳଚ୍ଚିତ୍ର ଅଭିନେତା ଅଜିତ ଦାସ

ଭୁବନେଶ୍ୱର,୧୩।୯ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷିଆନ୍ ଅଭିନେତା ଅଜିତ ଦାସଙ୍କର ରବିବାର ଦିନ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି । ଗତ ୧ ତାରିଖ ଦିନ ସେ କୋଭିଡ୍-୧୯ ପଜିଟିଭ୍ ଥିବା ଜଣାପଡ଼ିବା ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା । ତାଙ୍କ ବିୟୋଗରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି । 'ନ୍ୟାସ୍‌ନାଲ୍ ସ୍କୁଲ୍ ଅଫ୍ ଡ୍ରାମା'ରୁ ଅଭିନୟରେ ଡିପ୍ଲୋମା ହାସଲ କରିବା ପରେ ୧୯୭୬ ମସିହାରେ ପ୍ରଥମେ 'ସିନ୍ଦୁର ବିନ୍ଦୁ' ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥିଲେ । ଏଥିରେ ସେ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ । ଏହାପରେ ସେ 'ଅଭିମାନ', 'ଗୌରୀ', ବଳିଦାନ', 'ଗୋଲାମଗିରି', 'ଏ ନୁହେଁ କାହାଣୀ', 'ଫୁଲଚନ୍ଦନ', 'ହାକିମବାବୁ', 'ସହରୀବାଘ', 'ମମତାର ଡୋରି', 'ଏଇ ତ ଦୁନିଆ', 'ତୁଣ୍ଡବାଇଦ', 'ମୁଁ ତୁମେ ଓ ସେ', 'ପ୍ରେମରତୁ ଆସିଲାରେ', 'ଆମ ଭିତରେ କିଛି ଅଛି' ଏବଂ 'ଅଭିମନ୍ୟୁ' ଭଳି ପ୍ରାୟ ୭୦ଟି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ତାଙ୍କ ଅଭିନୀତ 'ହାକିମବାବୁ' ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିବା ବେଳେ ଏହାପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ସେ ଉତ୍କଳ ସଙ୍ଗୀତ ନାଟକ ମହାବିଦ୍ୟାଳୟରେ ବିଭାଗୀୟ ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ । ଏହା ବ୍ୟତୀତ ଅଜିତ୍ ନାମରେ ଏକ ନ୍ୟାଟସଂସ୍ଥା ପ୍ରତିଷ୍ଠା କରି ବହୁ କଳାକାର ସୃଷ୍ଟି କରିପାରିଥିଲେ । ୧୯୪୯ ମସିହା ଜାନୁଆରୀ ୨୦ ତାରିଖ ଦିନ ସେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଠାରେ ଜନ୍ମ ଗ୍ରହଣ କରିଥିଲେ । ସେପ୍ଟେମ୍ବର ୧ ତାରିଖରେ ସେ ଓ ତାଙ୍କ ପତ୍ନୀ ମାୟା ଦାସ କରୋନା ସଂକ୍ରମିତ ବୋଲି ଜଣାପଡିବା ପରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କର ୩ ଜଣ ଝିଅ ରହିଛନ୍ତି ।

ଓଡିଶାର କଂଗ୍ରେସ ପ୍ରଭାରୀଙ୍କୁ କରୋନା

ଭୁବନେଶ୍ୱର,୧୩।୯ (ନି.ପ୍ର): ଓଡିଶା କଂଗ୍ରେସର ନୂଆ ପ୍ରଭାରୀ ଡ. ଏ. ଚେଲ୍ଲା କୁମାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏନେଇ ସେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ଗତ କିଛି ଦିନରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ସତର୍କତାମୂଳକ ପଦକ୍ଷେପ ଭାବରେ ନମୂନା ଟେଷ୍ଟ କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି । ଗତ ଶୁକ୍ରବାର ଦିନ ତାଙ୍କୁ ଓଡିଶା କଂଗ୍ରେସ ପ୍ରଭାରୀ ଦାୟିତ୍ୱ ଦିଆଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ ଶୁକ୍ରବାର ଦିନ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧି ଦଳୀୟ ସଂଗଠନରେ ବଡ଼ ଧରଣର ପୁନର୍ବିନ୍ୟାସ କରିଥିଲେ ।

ଆଜିଠୁ ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା

ଭୁବନେଶ୍ୱର,୧୩।୯ (ନି.ପ୍ର): ଆସନ୍ତାକାଲି (ସୋମବାର)ଠାରୁ ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଓ ଓପନ୍ ସ୍କୁଲ ସପପ୍ଲିମେଂଟାରୀ ପରୀକ୍ଷା ଆରମ୍ଭ ହେବ ।୨୨,୬୪୯ ଛାତ୍ରଛାତ୍ରୀ ମାଟ୍ରିକ୍ ସପ୍ଲିମେଂଟାରୀ ଏବଂ ୧୨,୯୩୯ ଛାତ୍ରଛାତ୍ରୀ ଓପନ୍ ସ୍କୁଲ ସପ୍ଲିମେଂଟାରୀ ପରୀକ୍ଷା ଦେବେ । ଏହିପରି ମୋଟ ୨୪୧ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୫,୫୮୮ ଛାତ୍ରଛାତ୍ରୀ ସପ୍ଲିମେଂଟାରୀ ପରୀକ୍ଷା ଦେବେ । ଉଭୟ ପରୀକ୍ଷା ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ପରୀକ୍ଷା ବେଳେ କୋଭିଡ୍ ଗାଇଡ୍ ଲାଇନ୍ କୁ କଡାକଡି ଭାବେ ପାଳନ କରିବାକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ ମାଟ୍ରିକ୍ ସପ୍ଲିମେଂଟାରୀ ପାଇଁ ୧୫୩ ଟି ପରୀକ୍ଷା କେନ୍ଦ୍ର ଓ ୧୩ ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଥିବା ବେଳେ ଓପନ୍ ସ୍କୁଲ ସପ୍ଲିମେଂଟାରୀ ପାଇଁ ୮୮ ଟି ପରୀକ୍ଷା କେନ୍ଦ୍ର ଓ ୭ ଟି ମୂଲ୍ୟାୟନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଂଟ ମାନଙ୍କୁ କୋଭିଡ୍ ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷା ସୁପରିଚଳନା ପାଇଁ ଜିଲ୍ଲାପାଳ ମାନେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ପରୀକ୍ଷା କେନ୍ଦ୍ର ବାହାରେ ସୁରକ୍ଷା ବ୍ୟବସ୍ଥା କରିବାକୁ ପୋଲିସ୍ ପ୍ରଶାସନ କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କୁ ପ୍ରତ୍ୟେକ ଦିନ ପରୀକ୍ଷା ପରେ ପରୀକ୍ଷାକେନ୍ଦ୍ରରେ ସାନିଟାଇଜ୍ କରାଯାଇଛି କି ନାହିଁ ତଦାରଖ କରବାକୁ କୁହାଯାଇଛି ।

କଙ୍ଗନା ରଣୌତ ରାଜ୍ୟପାଳ କୋଶିଆରୀଙ୍କୁ ଭେଟିଲେ

ମୁମ୍ବାଇ ,୧୩।୯ (ନି.ପ୍ର): ଫିଲ୍ମ ଅଭିନେତ୍ରୀ କଙ୍ଗନା ରନୌତ ତାଙ୍କ ଉପରେ ହୋଇଥିବା ଅନ୍ୟାୟକୁ ବିରୋଧରେ ରବିବାର ଦିନ ରାଜ୍ୟପାଳ ଭଗତ ସିଂ କୋଶିଆରୀଙ୍କୁ ଭେଟିଛନ୍ତି । ରାଜ୍ୟପାଳଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ରାଜ୍ୟପାଳ ତାଙ୍କ କଥାକୁ ଜଣେ ଝିଅର କଥା ଭଳି ଶୁଣିଛନ୍ତି ଓ ତାଙ୍କୁ ନ୍ୟାୟ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କଙ୍ଗନା ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ତାଙ୍କ ସହ ଅନ୍ୟାୟ ହୋଇଛି । ରାଜ୍ୟପାଳ ଆମର ଅଭିଭାବକ । ମୁଁ ରାଜନୈତିକ ବ୍ୟକ୍ତି ନୁହେଁ, ରାଜନୀତିରେ ସାମିଲ ହେବାର ତାଙ୍କର କୌଣସି ଇଚ୍ଛା ନାହିଁ । ମୁଁ ରାଜ୍ୟପାଳଙ୍କୁ ଜଣେ ସାଧାରଣ ଲୋକ ଭାବେ ସାକ୍ଷାତ କଲି । ମୁଁ ଆଶା କରୁଛି ଯେ ମୋତେ ନ୍ୟାୟ ମିଳିବ ।

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୩।୯ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୫୫୬ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୨୫୯୯୬ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୧୯୦୨, ବାଲେଶ୍ୱର ଜିଲ୍ଲାରେ ୫୧୭୪, ବରଗଡ ଜିଲ୍ଲାରେ ୪୩୨୩, ଭଦ୍ରକ ଜିଲ୍ଲାରେ ୩୮୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୨୮୬୯ . ବୌଦ୍ଧ ଜିଲ୍ଲାରେ ୧୦୯୩, କଟକ ଜିଲ୍ଲାରେ ୧୩,୦୧୫, ଦେବଗଡ ଜିଲ୍ଲାରେ ୩୭୩, ଢେଙ୍କାନାଳ ଜିଲ୍ଲାରେ ୨୫୩୯. ଗଜପତି ଜିଲ୍ଲାରେ ୩୧୫୨, ଗଂଜାମ ଜିଲ୍ଲାରେ ୧୯୨୧୧, ଜଗତସିଂହପୁର ଜିଲ୍ଲାରେ ୨୯୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ଯାଜପୁର ଜିଲ୍ଲାରେ ୫୭୩୪ , ଝାରସୁଗୁଡା ଜିଲ୍ଲାରେ ୨୫୦୮, କଳାହାଣ୍ଡି ଜିଲ୍ଲାରେ ୧୯୭୭, କନ୍ଧମାଳ ୨୮୪୪, କେନ୍ଦ୍ରାପଡା ଜିଲ୍ଲାରେ ୩୦୯୧, କେନ୍ଦୁଝର ଜିଲ୍ଲାରେ ୨୮୬୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

▶▶ପୃଷ୍ଠା ୭

ବଙ୍ଗୋପସାଗରରେ ଲଘୁଚାପ : ୬ ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୩।୯ (ନି.ପ୍ର): ଆନ୍ଧ୍ରପ୍ରଦେଶ ତଟବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ଉପକୂଳରେ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳେ ଉତର ଆନ୍ଧ୍ରପ୍ରଦେଶ ଉପକୂଳ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ସଂପ୍ରତି ଏହା ସଂପୃକ୍ତ ଅଂଚଳରେ ରହିବା ସହ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ଅଧିକ ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର ଏବଂ କନ୍ଧମାଳ, କାଳାହାଣ୍ଡି, ଗଞ୍ଜାମ ଜିଲ୍ଲାର ଅଧିକାଂଶ ସ୍ଥାନରେ ହାଲୁକା ଏବଂ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ଏଥିସହ କୋରାପୁଟ, ମାଲକାନଗିରି, ରାୟଗଡା, କଳାହାଣ୍ଡି, ▶▶ପୃଷ୍ଠା ୭

ନୂଆଦିଲ୍ଲୀ ଜୁହାର ପରିବାରର ଇ-ନୂଆଁଖାଇ ପରବ୍'ରେ କେନ୍ଦ୍ରମନ୍ତ୍ରୀ

କରୋନାକୁ ଅଣଦେଖା ନକରି ଅଧିକ ସତର୍କ ରହିବାକୁ ପରାମର୍ଶ ଦେଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୩।୯ (ନି.ପ୍ର): ନୂଆଦିଲ୍ଲୀର ଜୁହାର୍ ପରିବାର ଦ୍ୱାରା ରବିବାର ଆୟୋଜିତ ଇ- 'ନୂଆଁଖାଇ ପରବ୍' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇ କରୋନାକୁ ଅଣଦେଖା ନକରି ଅଧିକ ସତର୍କ ରହିବାକୁ ଲୋକମାନଙ୍କୁ ନିବେଦନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ବର୍ତମାନ କରୋନା ମହାମାରୀ ଦ୍ୱାରା ଓଡିଶା ସମେତ ସାରାଦେଶ ପ୍ରଭାବିତ ହୋଇଛି । ତେବେ ଏହି ମହାମାରୀକୁ ବେଖାତିର ନକରି ଲୋକମାନେ ଲକ୍ଷଣ ଦେଖୁଥିଲେ କୋଭିଡ୍ ଟେଷ୍ଟିଂ ସେଂଟରରେ ପରୀକ୍ଷା କରେଇନେବାର ଆବଶ୍ୟକତା ରହିଛି । କରୋନାର ଅପ୍ରଚାର ଠାରୁ ଦୂରେଇ ରହିବା ସହ ଆଇସିଏମଆରର କରୋନା ସମ୍ପର୍କିତ ପ୍ରୋଟୋକଲକୁ ସମସ୍ତେ ପାଳନ କରିବା ଦରକାର । କରୋନାରୁ ରକ୍ଷା ପାଇବା ପାଇଁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା, ହାତ ଧୋଇବା,ଡାକ୍ତରଙ୍କ ପରାମର୍ଶ ନେବା, କରୋନା ଲକ୍ଷଣ ଥିଲେ ପରୀକ୍ଷା କରାଇବା ପାଇଁ ଲୋକଙ୍କୁ ସଚେତନ କରିବାକୁ ଜୁହାର୍ ଭଳି ଅନେକ ସାମାଜିକ ସଂଗଠନକୁ ନିବେଦନ କରିଛନ୍ତି ଶ୍ରୀ ପ୍ରଧାନ । ଆଜିର ମୂଳ ବିଷୟ ହେଉଛି ସମସ୍ତଙ୍କ ଜୀବନକୁ ସୁରକ୍ଷିତ କରିବାର ଓ କରୋନାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବାର । ଗୋଟିଏ ସାମାଜିକ ସଂଗଠନର ଦାୟିତ୍ୱ କେବଳ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବାର ନୁହେଁ ବରଂ ବର୍ତମାନ ଓ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଆଗେଇ ଆସିବା ଦରକାର ବୋଲି ସେ କହିଛନ୍ତି । କୃଷି ଭିତିକ, ସାମାଜିକ ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୬୨୬ ହେଲା

ଭୁବନେଶ୍ୱର,୧୩।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୨୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୩ ଜଣ, କଟକ ଜିଲ୍ଲାର ୨ ଜଣ ରହିଥିବା ବେଳେ ବାଲେଶ୍ୱର, ଗଂଜାମ,ମୟୁରଭଂଜ, କଳାହାଣ୍ଡି, ଓ ସୁବର୍ଣ୍ଣପୁର ଜିଲ୍ଲାର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୬୨ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ବାଲେଶ୍ୱର ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ▶▶ପୃଷ୍ଠା ୭

ସୀମାନ୍ତରେ ୯ ମାଓବାଦୀ ଗିରଫ : ପୋଷ୍ଟର ଓ ବ୍ୟାନର ଜବତ

ମାଲକାନଗିରି, ୧୩ ସେପ୍ଟେମ୍ବର (ହି. ସ.)-ମାଲକାନଗିରି ଜିଲ୍ଲା ସୀମାନ୍ତ ଦନ୍ତେୱାଡା ଜିଲ୍ଲା ସଦର ମହକୁମା କୁଆ କୋଣ୍ଡା ଅଂଚଳରେ ମାଓବାଦୀଙ୍କ ଉପସ୍ଥିତି ଥିବା ସୂଚନା ପାଇଁ ଡିଆର ଜି ଯବାନ ଓ ଥାନା ପୋଲିସ ମିଳିତ ଭାବେ ସର୍ଚ୍ଚ ଅପେରସନ ରେ ବାହାରିଥିଲେ ! ଯବାନ ମାନେ ମେଲ୍ଲାଡା ଓ ମେଖପାଲ ଜଙ୍ଗଲ ମଧ୍ୟ ବର୍ତ୍ତୀ ସ୍ଥାନରେ ସନ୍ଧିଗ୍ଧ ଅବସ୍ଥାରେ ବୁଲୁଥିବା କିଛି ଲୋକଙ୍କୁ ଦେଖିଥିଲେ । ଯବାନଙ୍କୁ ଦେଖି ସେମାନେ ଧାଇଁ ପଳାଇବାକୁ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ ଘେରାବନ୍ଦୀ କରି ଯବାନ ମାନେ ଧରି ନେଇଥିଲେ । ଯବାନଙ୍କ ହାତରେ ଧରାପଡିଥିବା ୯ ଜଣକ ଠାରୁ କିଛି ମାଓ ପୋଷ୍

ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ସେଂଟଜନ୍ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଅନୁସରଣୀୟ : ରାଜ୍ୟପାଳ

ଭୁବନେଶ୍ୱର,୧୩।୯ (ନି.ପ୍ର): ସେବାର ଭିତି ହେଉଛି ଆଧ୍ୟାତ୍ମିକତା । ଆତ୍ମବତ୍ ସର୍ବଭୂତେଷୁ ହେଉଛି ସେବାର ମୂଳମନ୍ତ୍ର । ବ୍ୟକ୍ତିର ଅନ୍ତଃକରଣରେ ପ୍ରେମ ପ୍ରବାହିତ ହେଲେ, ସେ ଅନ୍ୟର ସେବା ପାଇଁ ଆଗେଇ ଆସେ । ସେ ଅନ୍ୟମାନଙ୍କଠି ନିଜକୁ ଦେଖିପାରେ । ଏହି ଭାବଧାରାର ପ୍ରସାରରେ ସେଂଟଜନ୍ ଆମ୍ବୁଲାନ୍ସର ଭୂମିକା ମହତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ତଥା ସେଂଟଜନ୍ ଆମ୍ବୁଲାନ୍ସର ଅଧ୍ୟକ୍ଷ ପ୍ରଫେସର ଗଣେଶୀ ଲାଲ୍ ପ୍ରକାଶ କରିଛନ୍ତି । ଆଜି ରାଜଭବନରେ ସେଂଟ ଜନ୍ ଆମ୍ବୁଲାନ୍ସ ପକ୍ଷରୁ ଆୟୋଜିତ ଓ୍ୱେବ୍‌ଭିକ ବିଶ୍ୱ ପ୍ରାଥମିକ ଚିକିତ୍ସା ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଲେ ଯେ, ସେଂଟଜନ୍ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ସମସ୍ତଙ୍କ ପାଇଁ ଅନୁକରଣୀୟ ହୋଇପାରିଛି । ଏହାର ସେବା ପରିସରକୁ ଆହୁରି ବ୍ୟାପକ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ସେଂଟଜନ୍ ଆମ୍ବୁଲାନ୍ସ, ଓଡ଼ିଶାର ସଚିବ ଡ. ସନତ କୁମାର ପଟ୍ଟନାୟକ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହବ୍ୟାପକ ଜନସଚେତନତା ଓ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଥିବା ପ୍ରକାଶ କରିଥିଲେ । ରାଜ୍ୟପାଳ ସେଂଟଜନ୍ ଆମ୍ବୁଲାନ୍ସର ଓ୍ୱେବ୍‌ସାଇଟ୍‌କୁ ଲୋକାର୍ପଣ କରିଥିଲେ । ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ସେଂଟଜନ୍ ଆମ୍ବୁଲାନ୍ସର ଯୁଗ୍ମ ସଚିବ ଉଦ୍ଧବ ଚରଣ କର ପ୍ରମୁଖ ଉପସ୍ଥିତ ଥିଲେ ।

ମାଟି ବଂଶ ସଂଘ ସଭାପତିଙ୍କ ସ୍ମୃତିସଭା

କେନ୍ଦ୍ରାପଡା,୧୩।୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମାଟି ବଂଶ ସଂଘର ସଭାପତି ସ୍ୱର୍ଗତଃ ହେମନ୍ତ ମହାରଣାଙ୍କ ସ୍ମୃତିସଭା ତିନିମୁହାଣୀ ନିକଟସ୍ଥ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉପ ସଭାପତି ଶ୍ରୀଧର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଅଭିମନ୍ୟୁ ନାୟକଙ୍କ ସମେତ ୯ଟି ବ୍ଲକର ସଂଘ କର୍ମକର୍ତା ମାନେ ଯୋଗ ଦେଇ ସ୍ୱର୍ଗତଃ ମହାରଣାଙ୍କ ସାଂଗଠନିକ ଦକ୍ଷତା ଓ ମାଟି ବଂଶ ସମ୍ପ୍ରଦାୟର ଉନ୍ନତି ପାଇଁ କରିଥିବା କାର୍ଯ୍ୟର ଆଲୋଚନା କରିଥିଲେ । ଏହି ଅବସରରେ ନୂତନ କାର୍ଯ୍ୟକର୍ତା ନିର୍ବାଚନ କରାଯାଇ ଅଭିମନ୍ୟୁ ନାୟକଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନିତ କରା ଯାଇଥିଲା । କାର୍ଯ୍ୟକ୍ରମରେ ଉପେନ୍ଦ୍ର ନାଥ ଚୁଳି, ଅଶୋକ କୁମାର ଗେରୁ, ପ୍ରଶାନ୍ତ କୁମାର ମହାରଣା, କରୁଣାକର ଚୁଳି, ହରେକୃଷ୍ଣ ମହାରଣା, ନବଘନ ମହାରଣା, ଶ୍ରୀଧର ନାଥ ଓ ସହଦେବ ମାଟି ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିବା ସହ ନିରବ ପ୍ରାର୍ଥନା କରି ସ୍ୱର୍ଗତଃ ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁତିକାଙ୍କ ବିୟୋଗ

ଭୁବନେଶ୍ୱର,୧୩।୯ (ନି.ପ୍ର): ପୂର୍ବତନ ଗୁଣୁପୁର ବିଧାୟକ ତଥା ରାୟଗଡା ଜିଲ୍ଲା ରାମଣାଗୁଡା ବ୍ଲକର ୨ଥର ଅଧ୍ୟକ୍ଷ ଶ୍ରୀ ରାମମୂର୍ତ୍ତି ମୁତିକାଙ୍କର ପରଲୋକ ଘଟିଛି । ୬୮ ବର୍ଷୀୟ ସ୍ୱର୍ଗତଃ ମୁତିକାଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହେବା କାରଣରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ମେଡିକାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ଜଣେ ଅଣଙ୍କଗ୍ରେସ ନେତା ଭାବେ ତାଙ୍କର ଜିଲ୍ଲା ତଥା ଦକ୍ଷିଣ ଓଡିଶାରେ ତାଙ୍କର ଖ୍ୟାତି ରହିଥିଲା । ମିଷ୍ଟଭାଷୀ ଓ ନମ୍ର ସ୍ୱଭାବର ସ୍ୱର୍ଗତଃ ମୁତିକା ଜଣେ ସଚ୍ଚୋଟ ଓ ପରୋପକାରୀ ରାଜନେତା ଭାବେ ଲୋକଙ୍କ ହୃଦୟରେ ବାସ କରିଥିଲେ । ସ୍ୱର୍ଗତଃ ମୁତିକାଙ୍କ ନିଧନରେ ଦୁଃଖ ପ୍ରକାଶ କରି ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଶୋକସନ୍ତପ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ, ରାଜ୍ୟ ଉପ ସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର ଓ ବଳଭଦ୍ର ମାଝୀ ଏବଂ ଜୟରାମ ପାଙ୍ଗୀଙ୍କ ସମେତ ପାର୍ଟୀର ଅନ୍ୟାନ୍ୟ ନେତୃବୃନ୍ଦମାନେ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

ଗୋରୁ ଫସଲ ଖାଇଦେବା ସନ୍ଦେହରେ ମାଲିକଙ୍କୁ ମରଣାତ୍ମକ ଆକ୍ରମଣ, ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

ହରିଚନ୍ଦନପୁର,୧୩।୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ହୁଣ୍ଡା ଂଚାୟତ ପଣ୍ଡାପଡା ଥାନା ଅଧିନସ୍ଥ ତଅଁଳାହତା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ଖବର ଅନୁଯାୟୀ ଉକ୍ତ ଗ୍ରାମର ମୁକୁନ୍ଦ ନାଏକ ଓ ଅଭୟ ନାଏକ ଉଭୟେ ମିଳିତ ଭାବେ ଦୟାନିଧି ବେହେରାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ । ତାଙ୍କ ଆକ୍ରମଣ ଶିକାର ହୋଇ ଦୟାନିଧି ଘଟଣାସ୍ଥଳରେ ଗୁରୁତର ହୋଇଥିଲେ । ତାଙ୍କୁ ରକ୍ତାକ୍ତ ବା ଗୁରୁତର ଅବସ୍ଥାରେ ସଙ୍ଗେ ସଙ୍ଗେ ପରିବାର ଲୋକେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ଚିକିତ୍ସା ପରେ ଦୟାନିଧିଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ପରିବାର ପକ୍ଷରୁ ସୂଚନା ମିଳିଛି । ଦୟାନିଧିଙ୍କ କହିବା ଅନୁସାରେ ମୁକୁନ୍ଦ ନାଏକଙ୍କ କ୍ଷେତ୍ରରେ ଲାଗିଥିବା ବିରି ଗଛ ଗୁଡ଼ିକୁ କାହାର ଗାଈ ଗୋରୁ ଖାଇଦେଇଥିଲେ । ବିନା ଦୋଷରେ ଦୟାନିଧିଙ୍କ ଗାଈଗୋରୁ ଖାଇଛି ବେଲି ସନ୍ଦେହ କରି ବିଭିନ୍ନ ଲୋକଙ୍କୁ ବିଭିନ୍ନ କଥା କହିଥିଲେ । ଏସବୁ ପରେ ଗ୍ରାମର ଭଦ୍ର ଲୋକମାନେ ଓ ଗ୍ରାମରକ୍ଷୀ ସହିତ ଘଟଣା ସମ୍ପର୍କରେ ବିଚାର କରିବା ନିମନ୍ତେ ଯାଉଥିବା ବେଳେ ରାସ୍ତାରେ ହଠାତ୍ ଅଟକାଇ ବାଉଁଶ ଠେଙ୍ଗାରେ ଆଖିବୁଜା ନିର୍ଦ୍ଦୁମ ମାଡ଼ ମାରିଥିଲେ । ବାଉଁଶ ଠେଙ୍ଗା ମାଡ଼ରେ ଦୟାନିଧିଙ୍କ କାନ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସହ ମୁଣ୍ଡ ଫାଟି ଭୀଷଣ ରକ୍ତସ୍ରାବ ହୋଇଥିଲା । ଘଟଣା ସମ୍ପର୍କରେ ପରିବାର ଲୋକେ ଖବର ପାଇ ଘଟଣାସ୍ଥଳକୁ ଦୌଡି ଯାଇଥିଲେ । ସେଠାରେ ଦୟାନିଧିଙ୍କୁ ଗୁରୁତର ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସଙ୍ଗେ ସଙ୍ଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଏନେଇ ପରିବାର ପକ୍ଷରୁ ପଣ୍ଡାପଡା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଓ ଗ୍ରାମବାସୀଙ୍କ ଦାବି ହୋଇଛି ।

ଜାତୀୟ ସାକ୍ଷରତା ଦିବସ ପାଳିତ

କନ୍ଧମାଳ,୧୨ ସେପ୍ଟେମ୍ବର(ହି.ସ.)- ଜିଲ୍ଲା ପ୍ରଶାସନ, ଆକ୍ସନଏଡ ଏବଂ ୟୁନିସେଫ ମିଳିତ ଭାବେ ଆଜି ବିଭିନ୍ନ ବ୍ଲକରେ ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇ ଯାଇଛି । ଜିଲ୍ଲାର ୧୨ଟି ବ୍ଲକର ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ କିଶୋର ବାଳକ, ବାଳିକା ତଥା ଛାତ୍ରଛାତ୍ରୀ ମାନେ ସାମାଜିକ ଦୁରତା ରକ୍ଷା କରି ଏବଂ ମାସ୍କ ପିନ୍ଧି ବାଲ୍ୟ ବିବାହକୁ ନା, ସ୍କୁଲକୁ ହଁ ର ଶପଥ ପାଠ କରିଥିଲେ । ଏଥି ସହ ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ ଏବଂ ମାନବ ଶୃଙ୍ଖଳ ମାଧ୍ୟମରେ ଜନସାଧାରଣଙ୍କୁ ବାଲ୍ୟ ବିବାହ ନକରିବା, ବାଳିକା ଶିକ୍ଷା ଦେବା ଆଦି ଉପରେ ଲୋକଙ୍କୁ ସଚେତନ କରିଥିଲେ ।

ଆନ୍ଧ୍ର ଚାଲାଣ ବେଳେ ମୋଟୁ ଠାରେ ଦୁଇ ନାବାଳିକା ଉଦ୍ଧାର

ମାଲକାନଗିରି, ୧୨ ସେପ୍ଟେମ୍ବର (ହି. ସ.)-ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ନାଲାଗୁଣ୍ଡି ଂଚାୟତର ରାଜେନଗୁଡା ଗ୍ରାମରୁ ୨ ଜଣ ନାବାଳିକା ଝିଅକୁ ପରିବାର ଲୋକଙ୍କୁ ନଜଣାଇ ଜଣେ ଦଲାଲ ଏକ ଅଟୋ ଯୋଗେ ଆନ୍ଧ୍ର ପ୍ରଦେଶ ଚାଲାଣ କରୁଥିବାବେଳେ ମୋଟୁ ଥାନା ପୋଲିସ ଙ୍କ ସହାୟତାରେ ମୋଟୁ ବ୍ରିଜ ନିକଟରୁ ୨ ନାବାଳିକାକୁଉଦ୍ଧାର କରାଯାଇଥିଲା !ଯୁବତୀ ଚାଲାଣ କରୁଥିବା ଦଲାଲ ଏବଂ ଅଟୋରେ ଥିବା ଅନ୍ୟ ୬ ଜଣ ଯୁବକ ଖସି ପଳାଇଯାଇଥିଲେ ! ଘଟଣାରୁ ପ୍ରକାଶ ଯେ ରାଜେନଗୁଡା ଗ୍ରାମର ଏହି ଦୁଇ ନାବାଳିକା ଙ୍କ ପରିବାର ଲୋକ ଜମିକୁ ଧାନ ଚାଷ ପାଇଁ ଯାଇଥିବା ବେଳେ ୨ ଝିଅ ଘରେ ରହିଥିଲେ । ପରିବାର ଲୋକ ଘରକୁ ଫେରିବା ପରେ ଝିଅମାନେ ଘରେ ନଥିବା ଦେଖି ପାଖ ପଡୋଶୀ ଙ୍କୁ ପଚାରିବାରୁ ସେମାନେ ଏକ ଅଟୋରେ ବସି ଯାଉଥିବାର ଗ୍ରାମବାସି ମାନେ କହିଥିଲେ । ପରେ ପରିବାର ଲୋକଙ୍କ ସନ୍ଦେହ ହେବାରୁ ନାବାଳିକାଙ୍କ ସମ୍ପର୍କୀୟ ଗଙ୍ଗା ମାଡକାମି ଏବଂ ମୂକା ମାଡକାମି ଗ୍ରାମର ୱାର୍ଡମେମ୍ବର ଦୂଲା ମାଡକାମିଙ୍କ ସହଯୋଗରେ କାଲିମେଳା ଜିଲ୍ଲା ପରିଷଦ ସଭ୍ୟ ଜୋନ ୨ ର ଉତମ ରାୟଙ୍କ ପାଖକୁ ଆସି ଘଟଣା ବିଷୟରେ ଜଣାଇଥିଲେ । ପରେ ଜିଲ୍ଲା ପରିଷଦ ସଭ୍ୟ ମୋଟୁ ଥାନା ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ !ପରେ କିଛି ଘଣ୍ଟା ମଧ୍ୟରେ ମୋଟୁ ପୋଲିସ ୨ ନାବାଳିକାକୁ ଉଦ୍ଧାର କରି ଥାନାରେ ରଖିଥିଲା । ତେବେ ଏନେଇ ଝିଅମାନଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଯେ ତାଙ୍କୁ ଜଣେ ବ୍ୟକ୍ତି ଆନ୍ଧ୍ରର ଭଦ୍ରାଚଳମ ଠାରେ ଦିନକୁ ୪୦୦ ଟଙ୍କା ଲେଖାଏଁ ଦେବ କହି ନେଇଯାଉଥିଲା ସେମାନଙ୍କ ସହ ୬ ଜଣ ପୁଅ ଥିଲେ ! ଜିଲ୍ଲା ପରିଷଦ ସଭ୍ୟ ଉତମ ରାୟ ଏବଂ ପରିବାର ଲୋକଙ୍କ ସହ ଜିଲ୍ଲା ଶ୍ରମ ଅଧିକାରୀ ବିଶ୍ୱ ରଞ୍ଜନ କହଁରପହଂଚି ଝିଅମାନଙ୍କୁ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି । ଏନେଇ ଶ୍ରୀ କହଁରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ ଝିଅମାନଙ୍କୁ ମାଲକାନଗିରି ଶିଶୁ ସୁରକ୍ଷା ସମିତି ନିକଟରେ ହାଜର କରାଯିବ ବୋଲି ସୁଚନା ଦେଇଛନ୍ତି । ତେବେ ଏହି ନାବାଳିକା ଙ୍କ ମଧ୍ୟରୁ ଜଣେ ପଢିଆ ବ୍ଲକ ଗିରିକାନପାଲୀ ଆଶ୍ରମ ବିଦ୍ୟାଳୟରେ ଂଚମ ଶ୍ରେଣୀ ରେ ପାଠ ପଢୁଥିବା ଜଣାପଡିଛି କ୍ଷସୂଚନା ଥାଉକି କରୋନା ପାଇଁ ଏବେ ବାହାର ରାଜ୍ୟରୁ ହଜାର ହଜାର ଶ୍ରମିକ ମାନେ ନିଜ ଭିଟାମାଟି ମୁହାଁ ହେଉଥିବା ବେଳେ ବିଭିନ୍ନ କମ୍ପାନୀରେ ଶ୍ରମିକ ସଂଖ୍ୟା କମ ହୋଇଯାଇଛି ଏହାର ଫାଇଦା ନେଇ କିଛି ଠିକାଦାର ଏବଂ ଦଲାଲ ମାନେ ଟଙ୍କା ଲୋଭ ଦେଖାଇ ଏହିଭଳି ଶ୍ରମିକ ମାନଙ୍କୁ ବିଭିନ୍ନ ବାହାନା କରି ସାଥିରେ ନେଇଯାଉ ଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ସତର୍କ ହେବାସହ ବିଭିନ୍ନ ସୀମାନ୍ତ ବର୍ତୀ ସ୍ଥାନ ଗୁଡିକରେ କଡା କଡି ଯାଂଚ କରିବାକୁ ଦାବି ହୋଇଛି କ୍ଷପ୍ରକାଶ ଥାଉକି ଗତ ଦୁଇଦିନ ତଳେ ଓ କୈଲଥାନା ପୋଲିସ ଏକ ଗାଡ଼ିରେ ଯାଉଥିବା ୨୫ ଜଣ ଶ୍ରମିକ ଙ୍କୁ ଉଦ୍ଧାର କରିଥିଲେ !

ନୂଆ ରୂପ ପାଇବ ଗାନ୍ଧି ପଡିଆ

ଭଦ୍ରକ, ୧୩/୯ (ହି.ସ.) - ଭଦ୍ରକର ଐତିହାସିକ ଗାନ୍ଧିପଡିଆ । ମହାତ୍ମାଙ୍କ ସ୍ମୃତି ଭବନ କରୁଥିବା ଏହି ପଡିଆ ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଗତମାସ ବିଭିନ୍ନ ଗଣମାଧ୍ୟମରେ ଗାନ୍ଧି ପଡିଆର ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ ଖବର ପ୍ରକାଶ ପାଇଥିଲା । ସାଂସଦ ମଂଜୁଲତା ମଣ୍ଡଳ ଓ ବିଧାୟକ ଖୁବଶୀଘ୍ର ପଡିଆର ପୁନରୁଦ୍ଧାର ସହିତ ସେଠାରେ ଏକ ପାଠାଗାର, ମ୍ୟୁଜିୟମ୍ ଓ ଏକ ପାର୍କ ପ୍ରତିଷ୍ଠା ପାଇଁ ମତ ରଖିଥିଲେ । ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ ଅର୍ଥରେ ଗାନ୍ଧି ପଡିଆ ଏକ ନୂଆ ରୂପ ନେବ ବୋଲି ବିଧାୟକ ସ୍ପଷ୍ଟ କରିଥିଲେ । ବିଧାୟକ ଶ୍ରୀ ମଲ୍ଲିକ ଭୁବନେଶ୍ୱରର ଏକ ଆର୍କିଟେକ୍ଟ ସଂସ୍ଥାର ଇଂଜିନିୟରଙ୍କ ସହ ପହଂଚି ପଡିଆର ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା କରିଛନ୍ତି । ଆସନ୍ତା ୨ ତାରିଖ ଗାନ୍ଧି ଜୟନ୍ତୀ ସୁଦ୍ଧା ପ୍ରଥମେ ଗାନ୍ଧିଙ୍କୁ ଏକ ସୁଦୃଶ୍ୟ ପ୍ରତିମୂର୍ତ୍ତି ସ୍ଥାପନ ସହିତ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଆପାତତ ସ୍ଥିର ହୋଇଛି । ସୂଚନାଯୋଗ୍ୟ ୧୯୨୧ ମସିହା ମାର୍ଚ୍ଚ ମାସ ୨୧ ତାରିଖ ଏହି ପଡିଆରେ ମହାତ୍ମା ଗାନ୍ଧି ଏକ ଜନସଭାକୁ ସମ୍ବୋଧିତ କରିଥିଲେ । ସେହିଦିନ ଠାରୁ ଉକ୍ତ ପଡିଆ ଗାନ୍ଧିଙ୍କ ନାମରେ ନାମିତ ହୋଇଛି । କିନ୍ତୁ ପରବର୍ତୀ ସମୟରେ ମହାତ୍ମାଙ୍କ ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି । ମହାତ୍ମାଙ୍କ ପ୍ରତିମୂର୍ତ୍ତି ଉପରେ ଥିବା ଛାତରୁ କଂକ୍ରିଟ୍ ଖସିଗଲାଣି । ଲୁହାର ରେଲିଂ ମଧ୍ୟ ନଷ୍ଟ ହୋଇଗଲାଣି । ଏହି ପଡିଆର ବହୁ ଅଂଶ ଏବେ ଜବରଦଖଲକାରୀଙ୍କ କବଜାରେ ରହିଥିବାବେଳେ ବର୍ଷାଦିନେ ଏହି ପଡିଆରେ ପାଣି ଜମାଟ ବାନ୍ଧେ । ସଂଜ ନଇଁଲେ ଏହି ପଡିଆର କିଛି ଅଂଶ ଅସାମାଜିକ ତତ୍ତ୍ୱଙ୍କ ଚରାଭୂଇଁରେ ପରିଣତ ପାଲଟୁଛି । ଉକ୍ତ ପଡିଆକୁ କେତେକ ବ୍ୟକ୍ତି ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବାବେଳେ ଏହା ଏକ ଅଘୋଷିତ ଗାଡି ପାର୍କିଂ ସ୍ଥଳରେ ପରିଣତ ହୋଇସାରିଛି । ଆଜି ଉକ୍ତ ଐତିହାସିକ ପଡିଆର ପୁନରୁଦ୍ଧାର ପାଇଁ ବିଧାୟକଙ୍କ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ମୁଖ୍ୟରାସ୍ତାରେ ମଦଭାଟି, ସ୍ଥାନାନ୍ତର ଦାବୀ

ନୂଆପଡା,୧୩।୯ (ନି.ପ୍ର): ନୂଆପଡା ଜିଲ୍ଲାର ଖଡିଆଳ ସହରର ମୁଖ୍ୟରାସ୍ତାରେ ମଦଭାଟି ରହିଥିବାରୁ ଏହି ମଦଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବୀ ହେଉଛି । ଖଡିଆଳ-ନୂଆପଡା ୩୫୩ ନଂ ଜାତୀୟ ରାଜପଥର ଖଡିଆଳ ସହରର ମଧ୍ୟସ୍ଥଳୀ ବୋଡେନ ଛକରେ ରହି ମଦଭାଟି ରହିଅଛି । ଯାହାଫଳରେ ମଦ ର ଦୁର୍ଗନ୍ଧ ସବୁ ବେଳେ ଆସୁଥିବା ବେଳେ ପରିବେଶ ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି । ଏହି ମଦଭାଟି ଅନ୍ୟତ୍ର ସ୍ଥାନାନ୍ତର ନେଇ ଦୀର୍ଘ ବର୍ଷରୁ ଦାବୀ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ଯାହାଫଳରେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରଙ୍କ ନିୟମ ମୁତାବକ ସହର ଭିତରେ, ବିଭିନ୍ନ ସ୍କୁଲ, ଶିକ୍ଷାନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନ ମାନଙ୍କ ଠାରୁ ୧ ରୁ ୨ କି.ମି ଦୂରତାରେ ଏହି ମଦ କୋଠୀ ମାନ ରହିବାର ନିୟମ ରହିଥିବା ବେଳେ ଏହି ନିୟମ ସବୁ ଏଠାରେ ପାଳନ ହୋଇ ପାରୁନାହିଁ । ଯାହା ଫଳରେ ଏହି ମଦ କାରବାର ବୃଦ୍ଧି ଯୋଗୁଁ ସାଧାରଣତଃ ମହିଳା, ଶିଶୁ, ଛାତ୍ରଛାତ୍ରୀ ମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଏନେଇ ଅନେକଥର ଅପ୍ରୀତିକର ଘଟଣା ମଧ୍ୟ ଘଟିସାରିଛି । ବିଶେଷ କରି ଖଡିଆଳ ଠାରେ ଅବକାରୀ ବିଭାଗର ଅଧିକାରୀ ମାନେ କୌଣସି ଦୃଷ୍ଟି ଦେଉନଥିବା ବେଳେ ମଦ ବେପାରୀ ମାନଙ୍କ ସହ ସଳାସୁତୁରା ରଖି ଏହି ବ୍ୟବସାୟକୁ ବ୍ୟାପକ କରାଯାଉଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ମଦଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

ଭୁବନ ସିଏଚସି ରେ ଆଜି ୮୪ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ,୧୩।୯ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୭୦ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୧୯୬୨ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଲ୍ୟାବ ଟେକ୍ନିସିଆନ (କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ ।

ଅବସର ନେବାର ୨ ବର୍ଷ ପରେବି ମିଳିନି ପେନସନ ଓ ଅନ୍ୟାନ୍ୟ ଟଙ୍କା ହନ୍ତସନ୍ତ ପେସନ ଭୋଗୀ

କନ୍ଧମାଳ,୧୩।୯ (ନି.ପ

କରୋନାର କ୍ଲାଇମେଟ୍ କନେକ୍ସନ

ଗତ ୧୦ ବର୍ଷ ମଧ୍ୟରେ ସାର୍ସ, ଜିକା, ମର୍ସ ଓ ଏବେ କୋଭିଡ-୧୯ ପରି ଭାଇରସ୍ ସଂକ୍ରମଣରେ ସାରା ବିଶ୍ୱ ଅସ୍ତବ୍ୟସ୍ତ ହୋଇ ସାରିଲାଣି । ପରିବେଶବିତ୍ ଜଳବାୟୁ ପରିବର୍ତ୍ତନକୁ ଏଥିପାଇଁ ଦାୟୀ କରିଛନ୍ତି । ଆଗାମୀ ଦିନରେ ଆହୁରି ବିଭିନ୍ନ ପ୍ରକାର ଭାଇରସ୍ ବିଶ୍ୱରେ ଆତଙ୍କ ଖେଳାଇବେ ବୋଲି ପରିବେଶବିତମାନେ ସତର୍କ ମଧ୍ୟ କରାଇ ଦେଲେଣି ।





ବୈଜ୍ଞାନିକ ଅନୁଧ୍ୟାନ:
ଜଳବାୟୁ ପରିବର୍ତ୍ତନ ଆଜିର ସମୟରେ ଏକ ଡ଼ ସଂକଟ ହୋଇ ମୁଣ୍ଡ ଟେକିଛି । ଏହି କ୍ରମରେ କରୋନା ଭାଇରସର ଜଳବାୟୁ ପରିବର୍ତ୍ତନ ସହ କିଛି ସଂପର୍କ ରହିଛି ନା ନାହିଁ ତାହା ଉପରେ ବୈଜ୍ଞାନିକମାନେ ଅନୁଧ୍ୟାନ ଆରମ୍ଭ କରିଦେଲେଣି । ବିଶ୍ୱ ସ୍ତରରେ ତାପମାତ୍ରା ବୃଦ୍ଧି ବା ଗ୍ଲୋବାଲ ୱାର୍ମିଂକୁ ଗତ ୧୦ ବର୍ଷ ମଧ୍ୟରେ ହୋଇଥିବା ୪ ପ୍ରକାର ଭାଇରସ୍ ସଂକ୍ରମଣ ପାଇଁ ଦାୟୀ କରାଯାଇ ପାରିବ କି ? ଏହିସବୁ ପ୍ରଶ୍ନର ଉତ୍ତର ଏବେ ଖୋଜା ଚାଲିଛି ଓ ବହୁ ପ୍ରଶ୍ନର ଉତ୍ତର ମଧ୍ୟ ବୈଜ୍ଞାନିକମାନେ ପାଇ ସାରିଲେଣି ।

କୋଭିଡ-୧୯ ଶେଷ ଭାଇରସ୍ ନୁହେଁ:
ପରିବେଶବିତ୍ କହିଛନ୍ତି, ଯଦି ଆପଣ ଗତ ଦଶକର ଅବସ୍ଥାକୁ ସମୀକ୍ଷା କରିବା ତେବେ ଦେଖିବାକୁ ପାଇବା ଯେ, ସାର୍ସ, ମର୍ସ, ଜିକା ଓ କୋଭିଡ-୧୯ ପରି ଭାଇରସ୍ ସାରା ବିଶ୍ୱକୁ ବିଭିନ୍ନ ସମୟରେ ଆକ୍ରମଣ କରିଛି । ଏହି ସମସ୍ତ ଭାଇରସ୍ ପଶୁଙ୍କ ଠାରୁ ମଣିଷ ଶରୀରକୁ ଆସିଛି । ତେବେ କୋଭିଡ୍-୧୯ ଯେ, ଶେଷ ଭାଇରସ୍ ଏହା ବି ନୁହେଁ । ଆମକୁ ଆଗକୁ ମଧ୍ୟ ପ୍ରସ୍ତୁତ ରହିବାକୁ ପଡ଼ିବ । ଏବେ ଆମର ପ୍ରଥମ ଆବଶ୍ୟକତା ହେଉଛି ଏହାର ସଫଳ ଚିକିତ୍ସା ଖୋଜିବା ।

୩ ପ୍ରମୁଖ କାରଣ:
ପରିବେଶବିତ୍ କହିଛନ୍ତି ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ବହୁଳ ମାଂସ ବ୍ୟବସାୟ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ଓ ଗ୍ଲୋବାଲ୍ ୱାର୍ମିଂ କାରଣରୁ ବିଶ୍ୱରେ ନୂଆ ନୂଆ ଭାଇରସ୍ ଓ ବ୍ୟାକ୍ଟେରିଆ ସୃଷ୍ଟି ହେଉଛନ୍ତି । ଏମାନେ ପଶୁଙ୍କ ଠାରୁ ମଣିଷଙ୍କ ପାଖକୁ ସଂକ୍ରମିତ ହେଉଛନ୍ତି । ତେବେ କରୋନା ଭାଇରସ୍‌ର କ୍ଲାଇମେଟ୍ କନେକ୍ସନ କ'ଣ ରହିଛି ଏ ବିଷୟରେ କିଛି ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସି ନାହିଁ । କିନ୍ତୁ ଭବିଷ୍ୟତ ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

ରୋଗ ପ୍ରତିରୋଧକ କ୍ଷମତା କମୁଛି:
ବୈଜ୍ଞାନିକମାନେ ଲଗାତାର ସତର୍କ କରିଆସୁଛନ୍ତି ଯେ, ଜଳବାୟୁ ସଂକଟ ବିଭିନ୍ନ ସଂକ୍ରମଣ ସୃଷ୍ଟି ଓ ଏହାର ବ୍ୟାପକତାକୁ ଭୟାବହ କରି ଦେଇପାରେ । ତେବେ ଜଳବାୟୁ ସଂକଟ ଏହାର ଏକମାତ୍ର କାରଣ ନୁହେଁ । ଜଙ୍ଗଲ ଧ୍ୱଂସ, ସହରୀକରଣ, ବୈଶ୍ୱିକରଣ, ଅତ୍ୟଧିକ ମାଂସ ଉତ୍ପାଦନ, ଆଣ୍ଟି ମାଇକ୍ରୋବାୟଲ ରେଜିଷ୍ଟାନ୍ସ ପରି କାରକ ଭାଇରସ୍ ଜନିତ ରୋଗକୁ ଦ୍ରୁତ ଗତିରେ ବ୍ୟାପିବାରେ ଓ ଭୟଙ୍କର ରୂପ ଧାରଣ କରିବାରେ ସହଯୋଗ କରିଥାଏ । ଅନ୍ୟପକ୍ଷରେର ଏହି ସବୁ ରୋଗ ସହ ଲଢ଼ିବାର କ୍ଷମତା ମଧ୍ୟ ଜଳବାୟୁ ପରିବର୍ତ୍ତନ କାରଣରୁ ପ୍ରଭାବିତ ହୋଇଥାଏ ।

ମୌସୁମୀ ଚକ୍ରରେ ପରିବର୍ତ୍ତନ:
ଚନ୍ଦ୍ର ଭୂଷଣ ଏହାକୁ ଡେଙ୍ଗୁ ମ୍ୟାଲେରିଆ ଉଦାହରଣ ଦେଇ ବୁଝାଇଛନ୍ତି । ସେ କହିଛନ୍ତି ତାପମାତ୍ରା ବୃଦ୍ଧି କାରଣରୁ ଡେଙ୍ଗୁ ମ୍ୟାଲେରିଆ ପରି ରୋଗ ସୃଷ୍ଟି ହେବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହେଉଛି । ମୌସୁମୀ ଚକ୍ରରେ ପରିବର୍ତ୍ତନ କାରଣରୁ ଡେଙ୍ଗୁ ମ୍ୟାଲେରିଆ ରୋଗ ସୃଷ୍ଟି କରୁଥିବା ମଶା ବଂଶ ବୃଦ୍ଧି ପାଇବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହେଉଛି । ଜଳବାୟୁ ପରିବର୍ତ୍ତନ ଆମ ଶରୀରରେ ରୋଗପ୍ରତିରୋଧକ କ୍ଷମତାକୁ ହ୍ରାସ କରୁଛି । ମଣିଷ ଶରୀର ବିଭିନ୍ନ ରୋଗକୁ ମୁକାବିଲା କରିବା ପାଇଁ ସକ୍ଷମ । ବ୍ୟାକ୍ଟେରିଆ ଓ ଭାଇରସକୁ ମାରିବା ପାଇଁ ଆମ ଶରୀର ହିଁ ଆଣ୍ଟିବଡ଼ି ସୃଷ୍ଟି କରିଥାଏ । ଜୀବାଣୁକୁ ମାରିବା ପାଇଁ ଆମ ଶରୀର ସ୍ୱତଃ ଉତ୍ତପ୍ତ ହୋଇଥାଏ । ଏପରିକି ବହୁ ସମୟରେ ଆମ ଶରୀର ଏପରି ଉତ୍ତପ୍ତ ହୋଇଥାଏ ଯେ, ଆମକୁ ଜ୍ୱରର ଅନୁଭବ ହୋଇଥାଏ । ଏପରି ପ୍ରକ୍ରିୟା ଦ୍ୱାରା ଆମ ଶରୀର ବିଭିନ୍ନ ଜୀବାଣୁକୁ ମାରିବା ପାଇଁ ସକ୍ଷମ ହୋଇଥାଏ ।

ମେଡିସିନର ପ୍ରଭାବ କମୁଛି:
କିନ୍ତୁ ଜଳବାୟୁ ଲଗାତାର ଉତ୍ତପ୍ତ ହେଉଥିବା କାରଣରୁ ଏହି ସବୁ ଜୀବାଣୁ ଅଧିକ ଉତ୍ତପ୍ତ ବୋତାବରଣରେ ସୃଷ୍ଟି ହେଉଛନ୍ତି । ଫଳରେ ଏମାନେ ଉତ୍ତାପରେ ନିଜ ଅସ୍ତିତ୍ୱକୁ ସୁରକ୍ଷିତ ରଖି ପାରୁଛନ୍ତି । ଆମ ଶରୀରର ଉତ୍ତାପ ଏମାନଙ୍କୁ ଆଉ କ୍ଷତି ପହଞ୍ଚାଇ ପାରୁନାହିଁ । ଅନ୍ୟପକ୍ଷରେ ଆଣ୍ଟିମାକ୍ରୋବାୟଲ ରେଜିଷ୍ଟାନ୍ସ କାରଣରୁ ରୋଗର ଉପଯୋଗ କରାଯାଉଥିବା ମେଡିସିନର ପ୍ରଭାବ ମଧ୍ୟ କମ୍ ହୋଇ ଯାଉଛି ।

ଆଣ୍ଟିବାୟୋଟିକ୍ ମେଡିସିନ୍:
ଆମେ ସମସ୍ତେ ବିଭିନ୍ନ ରୋଗରୁ ମୁକ୍ତି ପାଇବା ପାଇଁ ଆଣ୍ଟିବାୟୋଟିକ୍ ମେଡିସିନର ବ୍ୟବହାର କରୁଛୁ କେବଳ ଏତିକି ନୁହେଁ ଉତ୍ପାଦନ ବୃଦ୍ଧି ପାଇଁ କୁକୁଡ଼ା ଛୁଆ ଠାରୁ ଆରମ୍ଭ କରି ମହୁମାଛି ପର୍ଯ୍ୟନ୍ତ ସମସ୍ତଙ୍କୁ ଆଣ୍ଟିବାୟୋଟିକ୍ ଡୋଜ୍ ଦିଆଯାଉଛି । ଏହି କାରଣରୁ ଆଣ୍ଟିମାଇକ୍ରୋବାୟଲ ରେଜିଷ୍ଟାନ୍ସ ଆଶଙ୍କା ବଢ଼ି ବଢ଼ି ଯାଉଛି । ଗୋଟିଏ ପଟେ ଆମ ଶରୀରର ପ୍ରତିରୋଧକ କ୍ଷମତା କମ୍ ହେଉଥିବା ବେଳେ ଅନ୍ୟପଟେ ଆମ ଶରୀରରେ ଏପରି ବ୍ୟାକ୍ଟେରିଆ ସୃଷ୍ଟି ହେଉଛି ଯାହା ଉପରେ ଔଷଧର ପ୍ରଭାବ ପଡୁନାହିଁ । ଏପରି ସ୍ଥିତିରେ ରୋଗ ଆହୁରି ଭୟଙ୍କର ହୋଇଯାଉଛି ।

ସ୍ପେନିଶ୍ ଫ୍ଲୁ ଥିଲା ସବୁଠାରୁ ଭୟଙ୍କର:
ଗତ ୧୦୦ ବର୍ଷ ମଧ୍ୟରେ ଯେଉଁ ମହାମାରୀରେ ସବୁଠାରୁ ଅଧିକ ଲୋକଙ୍କ ଜୀବନ ଯାଇଛି ତାହା ହେଉଛି ସ୍ପେନିଶ୍ ଫ୍ଲୁ । ୧୯୧୮ରୁ ୧୯୨୦ ମଧ୍ୟରେ ବ୍ୟାପିଥିବା ଏହି ଫ୍ଲୁ ସାରା ବିଶ୍ୱରେର ୫ କୋଟି ଲୋକଙ୍କ ଜୀବନ ନେଇଥିଲା । ଏହି ଫ୍ଲୁ ଏଚ୧ଏନ୧ ଇନଫ୍ଲୁଏଞ୍ଜା ଭାଇରସ୍ କାରଣରୁ ସୃଷ୍ଟି ହୋଇଥିଲା ।

'ହୁ'ର ଆକଳନ:
ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଜଳବାୟୁ ପରିବର୍ତ୍ତନ କାରଣରୁ ୨୦୩୦ ପର୍ଯ୍ୟନ୍ତ ପ୍ରତିବର୍ଷ ୨.୫ ଲକ୍ଷରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡ଼ିବେ । ଯଦି ସମୁଚିତ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ୨୦୫୦ ସୁଦ୍ଧା ପ୍ରତିବର୍ଷ ଏକ କୋଟି ଲୋକ ମୃତ୍ୟୁମୁଖରେ ଡ଼ିବେ । ଏଣୁ ନୂତନ ରୋଗ ସହ ଲଢ଼ିବା ପାଇଁ ଆମକୁ ଜଳବାୟୁ ପରିବର୍ତ୍ତନ ଓ ଆଣ୍ଟି ମାଇକ୍ରୋବାୟଲ ରେଜିଷ୍ଟାନ୍ସ ଏହି ଦୁଇ ଦିଗକୁ ଗୁରୁତ୍ୱର ସହ ଧ୍ୟାନ ଦେବାକୁ ପଡ଼ିବ ।

ବାସ୍ତୁ ଅନୁସାରେ ସିଡ଼ିଘର

ଘରର ପଶ୍ଚିମ କିମ୍ବା ଦକ୍ଷିଣ ଦିଗରେ ସିଡ଼ିଘର ନିର୍ମାଣ କରନ୍ତୁ । ଉତ୍ତର ପୂର୍ବ କୋଣରେ କେବେ ସିଡ଼ିଘର କରନ୍ତୁ ନାହିଁ, ଯାହା ଧନକ୍ଷୟର ସୂଚନା ଦେଉଛି । ସମସ୍ତଙ୍କର ସ୍ୱପ୍ନ ଥାଏ ଯେ ଭଲ ଘରଟି, କରିବା ଓ ଖୁବ ଅୟସ ଆରାମରେ ପରିବାର ସହ ଜୀବନ ନିର୍ବାହ କରିବା । ଅନେକ ସମୟରେ ଆମେ କଷ୍ଟ ଉପାର୍ଜିତ ଅର୍ଥରେ ଭଲ ଘରଟିଏ ସିନା କରିଥାନ୍ତି ହେଲେ ତାହା ଆମକୁ ଶାନ୍ତି ଦେଇପାରେ ନାହିଁ । ସବୁବେଳେ ଟେନ୍‌ସନ୍ ଲାଗିରହେ, ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ପଡୁ ନଥାଏ, ଋଣଗ୍ରସ୍ତ ହୋଇ ଜୀବନକୁ ବ୍ୟତିବ୍ୟସ୍ତ କରିବାକୁ ପଡୁଥାଏ । ଏସବୁ କ୍ଷେତ୍ରରେ ଟିକେ ବାସ୍ତୁ ପରାମର୍ଶ ନେବା ଭଲ କାରଣ ଅନେକ ସମୟରେ ବାସ୍ତୁ ସମସ୍ୟା ଘରକୁ ଅଶାନ୍ତି ଆଣିଦେଇଥାଏ । ବିଶେଷକରି ଯଦି ଘର କରୁଛନ୍ତି, ତା'ହେଲେ ଜାଣିବା ଦରକାର ଏହାର ସିଡ଼ିଘର କେଉଁ ଦିଗରେ ରହିବା ଦରକାର । ଅନେକ ସମୟରେ ସ୍ଥାନ ଅଭାବରୁ ବା ନିଜର ସୁବିଧା ପାଇଁ ଆମେ ମନଇଚ୍ଛା ସିଡ଼ିଘର କରିଦେଇଥାଉ, ଫଳରେ ତାହା ଆମ ପାଇଁ ଭଲ ବଦଳରେ ମନ୍ଦ ଫଳ ପ୍ରଦାନ କରିଥାଏ । ଆସନ୍ତୁ ଜାଣିବା ଏ ସମ୍ପର୍କରେ-

-ଷ୍ଟାଇଲ ପାଇଁ ଗୋଲାକାର ଭାବରେ ସିଡ଼ିଘର ନିର୍ମାଣ କରନ୍ତୁ ନାହିଁ ।

-ସିଡ଼ିଘର ତଳେ ଗାଧୁଆଘର, ରୋଷେଇଘର, ଟଏଲେଟ୍ ଠାକୁରଘର କରନ୍ତୁ ନାହିଁ ।

-ଭାଙ୍ଗିଯାଇଥିବା ସିଡ଼ିଘରକୁ ତୁରନ୍ତ ମରାମତି କରନ୍ତୁ, ନଚେତ ଦୁର୍ଘଟଣା କିମ୍ବା ଅଧିକ ଟେନ୍‌ସନ୍‌ର ସମ୍ମୁଖୀନ ହେବେ ।

- ଯେଉଁଠି ସିଡ଼ିଘର ଆରମ୍ଭ ହେଉଛି ବା ଶେଷ ହେଉଛି, ସେହିଠାରେ ଘରର ଦ୍ୱାର ରଖନ୍ତୁ, ସିଡ଼ିଘରର ମଝାମଝିରେ ଆଦୌ ଦ୍ୱାର ଖୋଲନ୍ତୁ ନାହିଁ ।

-ସିଡ଼ିଘରର ରଙ୍ଗ ହାଲ୍‌କା ରହିବା ଦରକାର, ଆଦୌ ନାଳି କିମ୍ବା କଳା ରଙ୍ଗ କରନ୍ତୁ ନାହିଁ ।

ମିଳିଲା ୨ୟ ବିଶ୍ୱଯୁଦ୍ଧ ଜାହାଜ

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବୁଡ଼ିଯାଇଥିବା ଏକ ପ୍ରମୁଖ ଜର୍ମାନ ଯୁଦ୍ଧ ଜାହାଜର ଅବଶେଷ ଦୀର୍ଘ ୮୦ ବର୍ଷ ପରେ ମିଳିଛି । ନରୱେ ତଟରେ ଏହା ଆବିଷ୍କୃତ ହୋଇଛି । ନରୱେ ପାୱାର ଗ୍ରିଡ୍ ଅପରେଟର ଷ୍ଟାଟ୍‌ନେଟ୍ ଏବଂ ଜଣେ ସାମୁଦ୍ରିକ ପ୍ରତ୍ନତତ୍ତ୍ୱବିତ୍ ଏହି ସୂଚନା ଦେଇଛନ୍ତି । ସମୁଦ୍ର ତଟରୁ ୨୪ କିମି ଦୂର, ସମୁଦ୍ରଶଯ୍ୟାର ଠିକ୍ ୪୯୦ ମିଟର ଗଭୀରରେ ଏହାକୁ ଠାବ କରାଯାଇଛି । ୧୭୪ ମିଟରଯୁକ୍ତ ଏହି ଜାହାଜ ଜର୍ମାନ ସାମରିକ ବଳର ଅଂଶବିଶେଷ, ଯାହା ୧୯୪୦ ମସିହା ଏପ୍ରିଲ ମାସରେ ନରୱେରେ ଅନୁପ୍ରବେଶ କରିଥିଲା । ଉତ୍ତର ନରୱେର କ୍ରିଷ୍ଟିଆନସାଣ୍ଡ ବନ୍ଦରରୁ ଫେରିବା ଆରମ୍ଭ କରିବାବେଳେ ବ୍ରିଟିଶ ବୁଡ଼ାଜାହାଜ ଟୋରପେଡ଼ୋ ଦ୍ୱାରା ଏହା ଆକ୍ରମଣର ଶିକାର ହୋଇଥିଲା । ଜାହାଜର କର୍ମକର୍ତ୍ତାମାନେ ତତ୍‌କ୍ଷଣାତ ଜାହାଜ ଖାଲି କରିଦେଇଥିଲେ ଏବଂ ଶେଷରେ ଜର୍ମାନଙ୍କ ଦ୍ୱାରା ହିଁ ଜାହାଜଟିକୁ ବୁଡ଼ାଇ ଦିଆଗଲା । ଏହାର ହଲ୍ ଏବଂ ଗନ୍ ଟରେଟ୍‌ରେ ସ୍ଥିତି ଆଦିର ଫଟୋ ଓ ସୋନାର ସ୍କାନ୍ ଆଦି ତଥ୍ୟରୁ କାର୍ଲସ୍ରୁହେ ନାମକ ଏହି ଜାହାଜର ଚିହ୍ନଟ ଚଳିତ ବର୍ଷ ହୋଇଥିଲା । ୨୦୧୭ ମସିହାରେ ଉପସମୁଦ୍ର ପାୱାର କେବଲଠାରୁ ମାତ୍ର ୧୫ ମିଟର (୫୦ ଫୁଟ) ଦୂରରେ କାର୍ଲସ୍ରୁହେ ପ୍ରଥମେ ଚିହ୍ନଟ କରାଯାଇଥିଲା । ପରେ ଏହି ଜାହାଜକୁ ନାଜି ଯୁଗର ସ୍ୱସ୍ତିକ ସହିତ ସଂଲଗ୍ନ କରାଯାଇଥିଲା, ଯାହାର ଫଟୋ ଷ୍ଟାଟ୍‌ନେଟ ଓ ତାଙ୍କ ସାଥୀମାନେ ଉଠାଇଥିଲେ । ନରୱେର ଟେଲିଭିଜନ୍‌ରେ ଏହାର ପ୍ରସାରଣ କରାଯାଇଥିଲା । ୧୯୨୦ ମସିହାରେ ନିର୍ମିତ ଏହି ଜାହାଜ ୧୯୭୭ ମସିହାରୁ ପରିଚାଳିତ ହୋଇଆସୁଛି ।

ଘରର ସୁଖ-ସମୃଦ୍ଧି ଚାହୁଁଥିଲେ ଆପଣାନ୍ତୁ ଏହି ଉପାୟ

ଯେଉଁ ଘରେ ସଦାସର୍ବଦା ସୁଖଶାନ୍ତି ଭରି ରହିଥାଏ ସେହି ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି ବୋଲି କୁହାଯାଏ । କିନ୍ତୁ ଏମିତି କିଛି ଲୋକଙ୍କ ଘର ରହିଛି, ଯେଉଁ ଘରେ ସବୁବେଳେ କଳି ଝଗଡ଼ାରେ ଦିନ ବିତିଥାଏ । ଏଥିସହ ଯେତେ ରୋଜଗାର କଲେ ମଧ୍ୟ ତାହା ନିଅଣ୍ଟ ଧରିଥାଏ । ଏପରି ହେବାର ମୁଖ୍ୟ କାରଣ ଏହି ଘରେ ନକରାତ୍ମକ ଶକ୍ତି ରହିଛି ବୋଲି ଜାଣନ୍ତୁ । ଏମିତି କିଛି ଛୋଟ ଉପାୟ ରହିଛି ଏହାକୁ ଆପଣାଇବା ଫଳରେ ଆପଣଙ୍କ ଘରେ ସକରାତ୍ମକ ଶକ୍ତି ବିରାଜ ମାନ କରିବା ସହିତ ଘରେ ସଦାସର୍ବଦା ସୁଖ ସମୃଦ୍ଧିରେ ଭରି ରହିବ ।

ସକରାତ୍ମକ ଶକ୍ତି:
ଦିନ ଥିଲା ସକାଳୁ ଉଠିବା ମାତ୍ରେ ଗୃହିଣୀମାନେ ଘରର ଦ୍ୱାରରେ ଗୋବର ପାରି ପକାଇ ଓଳାଉଥିଲେ । କିନ୍ତୁ ଆଜିକାଲି ଆଉ ଏପରି ପକାଯାଉ ନାହିଁ । ଏମିତିରେ ଆପଣ ସକାଳୁ ଉଠିବା ମାତ୍ରେ ଘରର ଦ୍ୱାର ଖୋଲି ଗଙ୍ଗାଜଳ ସିଂଚନ କରନ୍ତୁ । ଏମିତି କରିବା ଫଳରେ ଘରୁ ଅର୍ଥସଂକଟ ଦୂର ହେବା ସହ ରାତିରେ ରହିଥିବା ସମସ୍ତ ନକରାତ୍ମକ ଶକ୍ତି ଘରୁ ଦୂର ହୋଇଯିବ ।

ସୁଖ ସମୃଦ୍ଧି:
ଘରର ସୁଖ-ଶାନ୍ତିକୁ ବଜାୟ ରଖିବା ଲାଗି ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଲଗାନ୍ତୁ । ଆପଣର ଚାହିଁଲେ ପ୍ରବେଶ ଦ୍ୱାରରେ ରଙ୍ଗୋଲି ମଧ୍ୟ ପକାଇ ପାରିବେ । ଏହା ଆପଣଙ୍କ ଘରର ସମସ୍ତ ବାସ୍ତୁ ଦୋଷରୁ ମୁକ୍ତ କରିବ ।

ଖୁସି ରହିବା:
ଘର- ପରିବାରରେ ସମସ୍ତ ବ୍ୟକ୍ତି ହସଖୁସି ଓ ନିରୋଗ ଜୀବନ ବିତାଇବା ଲାଗି ଘରର ମୁଖ୍ୟ ଦ୍ୱାରରେ ତୋରଣ ଲଗାନ୍ତୁ । ତୋରଣ କରିବା ଲାଗି ଅଶୋକ, ଆମ୍ବ, ଅଶ୍ୱତ୍ଥ, ବେଲପତ୍ର ଓ କନିଆରୀ ପତ୍ରକୁ ବ୍ୟବହାର କରନ୍ତୁ । ଏହାକୁ ଘର ଦ୍ୱାରରେ ଟଙ୍ଗାଇବା ଫଳରେ ଘରକୁ ପଜେଟିଭ ଏନର୍ଜୀ ଆସିଥାଏ ।

ସୁଖଶାନ୍ତି:
ବାସ୍ତୁ ଅନୁସାରେ ଘରର ମୁଖ ଦ୍ୱାର ସବୁବେଳେ ପୂର୍ବ-ପଶ୍ଚିମ ଦିଗରେ ରହିବା ଉଚିତ । ଏହାଦ୍ୱାରା ଘରେ ସୁଖ-ଶାନ୍ତି ବଜାୟ ରହିଥାଏ ।

ଉତ୍ତମ ସ୍ୱାସ୍ଥ୍ୟ:
ଘରର ମେନ ଗେଟରେ ୨ ଫାଳିଆ କବାଟ ଲଗାନ୍ତୁ । ଏହାଦ୍ୱାରା ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଥାଏ ।

ଧ୍ୟାନ ରଖନ୍ତୁ:
-ଘରର ମେନ ଗେଟରେ କୌଣସି ଫାଟ ରଖନ୍ତୁ ନାହିଁ, ଘର ଆଗରେ ପଚାସଢ଼ା ଜିନିଷ ଆଦୌ ରଖନ୍ତୁ ନାହିଁ, ଏହା ଘରର ନେଗେଟିଭ ଏନର୍ଜୀ ବଢ଼ାଇଥାଏ ।

-ଘରର ମୁଖ ଦ୍ୱାର ସବୁବେଳେ ଘର ଭିତରରକୁ ହେବା ଉଚିତ୍ । ବାହାର ପଟକୁ ଦ୍ୱାର ଖୋଲିଲେ ଏହା ଖରାପ ପ୍ରଭାବ ପକାଉଥିବା ଦେଖିବାକୁ ମିଳିଥାଏ ।

- ଏହା ସହିତ ଘରର ମେନ ଗେଟକୁ ସମ୍ପୂର୍ଣ୍ଣ ସଫା-ସୁତରା ରଖନ୍ତୁ ଓ ବିଭିନ୍ନ ବୃକ୍ଷରେ ସଜାଇ ରଖନ୍ତୁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପୂଜା କଟକଣା...

ଆଇନର ମାତ୍ରାଧିକ ପ୍ରୟୋଗ ଯନ୍ତ୍ରଣାଦାୟକ ହୋଇଥାଏ । ଯେଉଁ ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଅନ୍ତି ତାହା ପରିପାଳନ ଜନିତ କଠୋରତା ଓ ନିଷ୍ଠୁରତା ଯୋଗୁଁ ଲକ୍ଷ୍ୟ ସାଧନ ରେ ବିଫଳ ହୋଇଥାଏ । କୋଭିଡ୍ ମହାମାରୀ ସଂକ୍ରମଣ ଆରମ୍ଭ ସମୟରେ ଯେଉଁ କଠୋର ପଦକ୍ଷେପ ସରକାର ନେଇଥିଲେ, ଏବେ ସଂକ୍ରମଣର ଚରମ ସମୟରେ ତାହା ପୂରା ଢିଲା । ସରକାରଙ୍କ ପଦକ୍ଷେପ ସାଧାରଣ ଲୋକ ବିଝିବା କଷ୍ଟ । ପ୍ରତିବାଦ କରିବାର ଅବକାଶ ମଧ୍ୟ ନାହିଁ । ମହାମାରୀକାଳୀନ କଠୋର ଆଇନରେ ଦଣ୍ଡିତ ହେବାର ସମ୍ଭାବନା ଯଥେଷ୍ଟ ଅଧିକ । ଅଦାଲତଙ୍କଠାରୁ ମଧ୍ୟ ସହାୟତା ମିଳିବା ଆଶା କମ୍ ।

ଦୁର୍ଗାପୂଜା ଆସୁଛି । କଟକ, ଭୁବନେଶ୍ୱରଠାରୁ ଆରମ୍ଭ କରି ସମଗ୍ର ରାଜ୍ୟର ପୁରପଲ୍ଲୀରେ ଏହା ପାଳିତ ହୋଇଥାଏ । ପୀଠ ପରିବର୍ତ୍ତେ ଯେଉଁ ସବୁ ସାର୍ବଜନୀନ ପୂଜାମଣ୍ଡପରେ ଦେବୀ ପୂଜା ପାଆନ୍ତି ତାହାକୁ ସରକାର ଅତ୍ୟନ୍ତ ନିରାଡ଼ମ୍ବର ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ସଚିବ କହିଛନ୍ତି ଯେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଣ୍ଡପର ଦୁର୍ଗାପୂଜା ନିରାଡ଼ମ୍ବର ଭାବେ କେବଳ ବିଧିରକ୍ଷା ପାଇଁ ପାଳନ ହେବ । ସେଥିପାଇଁ ଯାବତୀୟ କଟକଣା ଜାରି କରାଯାଇଛି । ମୂର୍ତ୍ତିର ଆକାର ଛୋଟ ସହିତ ମଣ୍ଡପର ଚାରିପଟ ଆବଦ୍ଧ କରି ସାଧାରଣ ଭକ୍ତଙ୍କ ଦର୍ଶନକୁ ବନ୍ଦ କରିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଛି ।

ଏକ ମହାମାରୀ ସମୟରେ ପୂଜା ନିରାଡ଼ମ୍ବର ଭାବେ ପରମ୍ପରା ଓ ବିଧିରକ୍ଷା ପୂର୍ବକ ପାଳନ କରିବା ଦୋଷାବହ ନୁହେଁ । ଆୟୋଜକମାନେ ଯେ ଏଥିରେ ଅସହଯୋଗ କରିବେ ସେ କଥା ମଧ୍ୟ କୁହାଯାଇନପାରେ । ତେବେ ସରକାରଙ୍କ ଏସବୁ କଠୋର କଟକଣା ମଧ୍ୟରେ ସମ୍ପୃକ୍ତ ଧର୍ମପ୍ରାଣ ମଣିଷର ଧାର୍ମିକ ସ୍ୱାଧୀନତାଟି ଯେ ବିଶେଷଭାବେ କ୍ଷୁର୍ଣ୍ଣ ହେଉଛି ଏବଂ ରାଷ୍ଟ୍ର ତଥା ସରକାର ଏହାକୁ ତା'ଠାରୁ ଛଡ଼ାଇ ନେଉଛି ଏକଥା ଜଳଜଳ ଦିଶୁଛି ।

ମଣ୍ଡପ ଗୁଡ଼ିକ ସାର୍ବଜନୀନ ଏବଂ ସେଠାରେ ଭକ୍ତମାନଙ୍କର ଦେବୀ ବା ଠାକୁର ଠାକୁରାଣୀଙ୍କ ଦର୍ଶନ କରିବା ଏକ ବିଧି ଓ ପରମ୍ପରା । ଏହାକୁ ବାଦ ଦେଇ ଦୁର୍ଗାପୂଜା ସମ୍ପୂର୍ଣ୍ଣ ହୋଇ ନ'ପାରେ । ଦ୍ୱିତୀୟଟି ହେଲା କେଉଁ ମଣ୍ଡପର ପ୍ରତିମାର ଉଚ୍ଚତା କେତେ ହେବ ତାହା ବିଧି ଓ ପରମ୍ପରା ଅନୁସାରେ ନିର୍ଦ୍ଧାରିତ ହୋଇ ପାଳନ କରାଯାଇଥାଏ । ତେଣୁ ସବୁ ପ୍ରତିମା ଚାରିଫୁଟିଆ ହେବା ନିୟମ ନିଶ୍ଚିତ ଧାର୍ମିକ ସ୍ୱାଧୀନତାର ହସ୍ତକ୍ଷେପ । ପୂଜାରେ ଚଣ୍ଡୀପାଠ ହୁଏ ଏବଂ ଏ କାମଟି ନିଃଶବ୍ଦରେ ସମ୍ଭବ ନୁହେଁ । ତା'ଉପରେ ଶବ୍ଦ କଟକଣା ଜାରି ସମ୍ଭବ ନୁହେଁ । ସର୍ବୋପରି ଏକ ସଂକୁଚିତ ପରିସରରେ ଘେରାବନ୍ଧୀ ମଧ୍ୟରେ ବିନା ଭକ୍ତରେ ସୀମିତ ପୂଜକ ଓ ଆୟୋଜକଙ୍କୁ ଘେନି ସାର୍ବଜନୀନ ଦୁଗାପୂର୍ଜାର ବିଧିବିଧାନ ଓ ପରମ୍ପରା ପାଳନ ସମ୍ଭବ ହେବ କିପରି ?

ଏ କଥା ଆମେ ଲେଖିବାବେଳେ ନିଜକୁ ମୌଳବାଦୀ, ରଢ଼ିବାଦୀ ବା ମୂର୍ଖ ଭାବେ ପ୍ରତିପାଦନ କରିବାକୁ ଚାହୁଁନାହୁଁ । ଆମେ ଅବଗତ ଯେ ମହାମାରୀ ସମୟରେ ନିରାଡ଼ମ୍ବର ପୂଜା ପାଳନ ହେବା ଉଚିତ । ତେବେ ଏହି ନିରାଡ଼ମ୍ବରତା ମଧ୍ୟରେ ବିଧିବିଧାନର ଉଚିତ ରକ୍ଷା ତଥା ପରିଚାଳନା ପାଇଁ କର୍ତ୍ତୃପକ୍ଷ ଆବଶ୍ୟକ ସୁଯୋଗ ଦେବା କଣ ଅନୁଚିତ ? ରାଜ୍ୟର ପ୍ରାୟ ସବୁ ଦେବାଳୟ ଏବେ ସରକାରୀ ଭାବେ ବନ୍ଦ । ଦେବୀପୀଠରେ ଯେଉଁ ପରମ୍ପରା ଅଛି ତାହାକୁ ଏହି କଟକଣା ଭାଙ୍ଗିବେ ବା ନିୟମ ଉଲ୍ଲଙ୍ଘନ କରିବେ । ସରକାରୀ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ପୁଲିସ, ମାଜିଷ୍ଟ୍ରେଟ ଓ ଅଧିକାରୀ ସର୍ବତ୍ର ଉପସ୍ଥିତ ରହିବା କିମ୍ବା ଉଲ୍ଲଙ୍ଘନକୁ ନିୟନ୍ତ୍ରଣ କରିବା ସହଜ କାମ ନୁହେଁ ।

ଦେବଦର୍ଶନ, ଉପାସନା ମଣିଷର ଏକ ମୌଳିକ ଅଧିକାର ମହାମାରୀ ନ୍ୟାୟରେ ଏହାକୁ ସମୂଳ ଚପେଇ ଦେବା ଅନ୍ୟାୟ । ପୁରୀରେ ରଥଯାତ୍ରା ହେଲା, ଭକ୍ତ ବିକଳ୍ପ ମାଧ୍ୟମରେ ଦର୍ଶନ ପାଇଲେ । ସେହିଭଳି ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜା ଆଦି ସମୟରେ ଭକ୍ତଙ୍କ ଦର୍ଶନ ପାଇଁ ମୋବାଇଲ ଟେଲିକାଷ୍ଟିଂ ବା ଏଲସିଡି ବ୍ୟବସ୍ଥା କରାଗଲେ ସେମାନେ ହୁଏତ ଉପକୃତ ହୋଇପାରିବେ । ସରକାର ଏ ବିଷୟକୁ ବିଚାର କରିବେ କି ?

ପରିଶ୍ରମ..

କୁନା ସେଠୀ

କୁହ ଭାଇ କୁହ କିଏ
ପରିଶ୍ରମ ବିନା ସଫଳ ପାଇଛି
ଜୀବନେ ମଣିଷ ଟିଏ ?
ଜୀବନର ମନ୍ତ୍ର ଏଇ
ପରିଶ୍ରମ ଦିଏ ସୁଖକୁ ଫେରାଇ
ବଞ୍ଚିଥିବା ଯାଏ ଭାଇ ।
ଆଳସ୍ୟ ଜୀବନ ଧିକ୍
ନିନ୍ଦା ଶୁଣି ଶୁଣି ଜୀବନ ହାରିବ
ତା' ଠାରୁ ମରଣ ଠିକ୍ ।
ପରିଶ୍ରମ ଭଗବାନ
କର୍ମ କରିଥିଲେ ପାଇବୁ ମୁକତି
ହସି ହସି ତୁହି ଧନ ।
ଅଭାବ ରହିବ ନାହିଁ
ପରିଶ୍ରମ ଦେବ ଧନ ଦଉଲତ
ସମ୍ମାନେ ବଞ୍ଚିବୁ ତୁହି ।
ସଞ୍ଚୟ କରିବୁ ଧନ
ଖରା, ବରଷା ଓ ଶୀତ କାକରରେ
ନ ପାଇବୁ ଅପମାନ ।
ପିମ୍ପୁଡ଼ି, ଜନ୍ଦା ଠୁ ଶିଖ
ବଞ୍ଚିବା ପାଇଁ ତ ସଂଘର୍ଷ କରନ୍ତି
ଆଳସ୍ୟ ନ ମାଡ଼େ ପାଖ ।
ମଧୁ ସଞ୍ଚେ ମହୁ ମାଛି
ଦିନ ସାରା ବୁଲେ ଏ ଫୁଲ ସେ ଫୁଲ
ଦୂର ଦୂରାନ୍ତରେ ବାଛି ।
କିଏ ହେବ ନାହିଁ ସାହା
ପରିଶ୍ରମ ଯଦି ନ କରିବୁ ତୁହି
ନ ମିଳିବ ତତେ ରାହା ।
ହାତ ଗୋଡ଼ ଅଛି ତୋର
କାମ କରି ନିଜ ପେଟକୁ ପୋଷିବୁ
ନ ଥିବ ତୋହରି ଡର ।
ଯିଏ ଡରଇ ଶ୍ରମକୁ
ଦୁଃଖ ଆସଇ ତାର ସାରା ଜୀବନ
କାନ୍ଦଇ କାଳ କାଳକୁ ।
ପରିଶ୍ରମେ ଦେଇ ଧ୍ୟାନ
ଜୀବନକୁ ନିଜ ଗଢ଼ିବ ସୁନ୍ଦର
ହସୁଥିବ ନିଜ ମନ ।

ଭୂତସରସିଙ୍ଗୀ
ଗଞ୍ଜାମ

ଅନୈତିକ ରାଜନୀତି

ଇଂ. ବିଦ୍ୟାଧର ପଣ୍ଡା

ଆଜିକାଲି କିଛି ରାଜନୈତିକ ନେତା ଭୁଲି ଯାଉଛନ୍ତି ଯେ ସେମାନେ ନର୍ଥକୋରିଆରେ ନୁହେଁ ଭାରତରେ ରାଜନୀତି କରୁଛନ୍ତି । କୋଡିଏ ପଚିଶ ବର୍ଷ ତଳେ ଲାଲୁପ୍ରସାଦ ଯାଦବ ବିହାରକୁ ଶାସନ କଲାପରି ମାହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ଏବେ ସେହି ଏକାପରି ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ତାଙ୍କ ସାଙ୍ଗରେ ମୁଖ୍ୟ ଅଘଟଣ ହେଲା ସହଯୋଗୀ ସଞ୍ଜୟ ରାଓତ୍, ସାମ୍ନାର ମୁଖ୍ୟ ସମ୍ପାଦକ । ଅଖିଳେଶ ଯାଦବଙ୍କ ଗ୍ରୁପ୍‌ପରି ଏଇ ସଞ୍ଜୟ ରାଓତ୍ ୪ ବାଲାସାହେବ ଠାକ୍‌ରେଙ୍କ ସାଙ୍ଗରେ ବେଶୀଦିନ କାମ କରିଥିବାରୁ ଉଦ୍ଧବ ତାଙ୍କର ମୁଖ୍ୟ ଉପଦେଷ୍ଟା ଭାବରେ ଗ୍ରହଣ କରିନେବା ସ୍ୱାଭାବିକ୍ କଥା । ସମ୍ପ୍ରତି ମହାରାଷ୍ଟ୍ର ସରକାର ପାଇଁ ଏହା ହେଲା ସବୁଠାରୁ ବଡ ଅସୁବିଧା । ଦିଗ୍‌ବିଜୟ ସିଂଙ୍କ ପରି ତାଙ୍କର ରାଜନୀତିରେ ବହୁତଦିନର ପ୍ରଚୁର ଅଭିଜ୍ଞତା । କିନ୍ତୁ ରାହୁଲ ଗାନ୍ଧୀଙ୍କୁ ଦିଗୀସାହେବ୍ ଉପଦେଶ ଦେଇଦେଇ ଯେମିତି ବେକାର କରିଦେଲେ ସେହିପରି ସାଂସଦ ସଞ୍ଜୟ ରାଓତ୍ ଉଦ୍ଧବଙ୍କୁ ଅଳ୍ପଦିନରେ ନିକମା କଲାପରି ପ୍ରତିୟମାନ ହେଉଛି । ଅଭିନେତ୍ରୀ କଙ୍ଗନାର ଅଫିସ୍ ଭଙ୍ଗାଗଲା ପରେ ମରାଠିଲୋକମାନଙ୍କ ସହ କିଛି ଅନୁଗତ ଶିବସୈନିକ ମଧ୍ୟ ମହାରଷ୍ଟ୍ର ସରକାର ଉପରେ ନାରାଜ ହେଲାପରି ଲାଗୁଛି । ମୁମ୍ବେଇ ସହରରେ ଲକ୍ଷଲକ୍ଷ କୋଠା ଅବୈଧ ଉପାୟରେ ଗଢାଯାଇ ବ୍ୟବହାର ହେଉଥିବା ବେଳେ ହଠାତ୍ କଙ୍ଗନା ରାନାଓତ୍ ଉପରେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଗଲା ? କରୋନା ଭୂତାଣୁର କଟକଣା ଚାଲିଛି ଏବଂ ମାଲିକାଣୀ ଘରେ ନାହିଁ । ସମଗ୍ର ଭାରତବାସୀ ମହାରାଷ୍ଟ୍ର ସରକାର ଏବଂ ମୁମ୍ବେଇ ପୋଲିସର ଏପରି ଅନୀତି ଢଙ୍ଗରଙ୍ଗ ବହୁତ ଦିନରୁ ଲକ୍ଷ କରିଆସୁଛନ୍ତି । ପ୍ରଥମେ ସୁଶାନ୍ତ ସିଂ ରାଜପୁତ୍‌ର ମ୍ୟାନେଜର୍ ଦିଶା ସାଲିୟାନ୍‌ର କେସ୍ ହତ୍ୟା ନା ଆତ୍ମହତ୍ୟା ଭଲରେ ତଦନ୍ତ କଲେନାହିଁ । ମନେମନେ ଆତ୍ମହତ୍ୟା କହି ଫାଇଲ୍ ବନ୍ଦ କରିଦେଲେ । ପରେ ସେହି ଫାଇଲ୍ କମ୍ପୁଟର୍‌ରୁ ଆପେଆପେ ନା ଭୁଲ୍‌ବସତଃ ଲିଭିଗଲା ବୋଲି କହି ପଲ୍ଲା ଝାଡିଦେଲେ । ବିହାର ପୋଲିସ୍ ଅଫିସରଙ୍କୁ କ୍ୱାରାଂଟାଇନ୍‌ରେ ରଖି ସୁଶାନ୍ତର ହତ୍ୟାଜନିତ ପ୍ରମାଣପତ୍ର ନଷ୍ଟ କରିବାକୁ ମାଫିଆମାନଙ୍କୁ ଭରପୁର୍ ସମୟ ସୁଯୋଗ ଦେଲେ । ପାଂଚ ପାଂଚଟା ଡାକ୍ତରଙ୍କୁ ହାତକରି ରାତି ଅଧରେ ପୋଷ୍ଟମଟମ୍ ସାରି ସବୁ ପ୍ରମାଣ ରଫାଦଫା କରିଦେଲେ । ଏବକାର ବନ୍ଦିନୀ କନ୍ୟା ରିୟାକୁ ସରଳ ଓ ନିଷ୍କପଟ ଝିଅକହି ସମସ୍ତ ସରଳ ଜନତାଙ୍କୁ ଅନ୍ଧାରରେ ରଖିଲେ । ସଞ୍ଜୟ ରାଓତ୍ କହିଲେ ଯେ ତା ବାପା ସହ ସୁଶାନ୍ତର ଆଦୌ ଭଲ ସମ୍ପର୍କ ନଥିଲା । ସେ ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତ ହେଉଥିଲେ । ଭଉଣୀମାନେ କେହି ସୁଶାନ୍ତକୁ ପଚାରିଲେନି ବୋଲି ରିୟା ବିଗ୍ଡ଼ି ତାର ସେବା ସୁଶ୍ରୁଷା କରି ବଂଚେଇଥିଲା । କେତେକେତେ ମନଗଢା ସିନେମା ଗପପରି ମନରୁ ଛନ୍ଦିଛାନ୍ଦି ସମସ୍ତଙ୍କୁ ଆଇମା କାହାଣୀ ଶୁଣେଉଥିଲେ, ଏବେ ମନେପଡିଲେ ଲଜ୍ଜା ଲାଗେ । ଏସବୁ ପରେ ସେମାନେ ପ୍ରତିକ୍ରିୟାଶୀଳ ହୋଇ କରୋନା କାଳରେ ସତ୍ୟର ସପକ୍ଷରେ ଛିଡା ହୋଇଥିବା କଙ୍ଗନାର ଅଫିସରେ ବୁଲ୍‌ଡୋଜର୍ ଚଳେଇବା, କୋଟିକୋଟି ଟଙ୍କାର ଘରକରଣା ଜିନିଷ ସହ ଆସବାବ ପତ୍ର ଭାଙ୍ଗିରୁଜି ଚୁର୍‌ମାର୍ କରିଦେବା ଘଟଣାରୁ ଜଣାପଡୁଛି ଯେ ମହାରାଷ୍ଟ୍ର ସରକାର ଏବଂ ପୋଲିସ୍ ସମ୍ପୂର୍ଣ୍ଣ ରୂପରେ ମାଫିଆ ଏବଂ ଡ୍ରଗ୍ ପେଡାଲରଙ୍କ ସପକ୍ଷରେ ଛିଡା ହୋଇଛନ୍ତି । ଏପରିକି ହାଇକୋର୍ଟର ନିର୍ଦ୍ଦେଶକୁ ମଧ୍ୟ ମରାଠା ଅଧିକାରୀ ମାନଙ୍କ ଆଦୌ ଖାତିର ନାହିଁ ।

ଏବେ ମହାରାଷ୍ଟ୍ରରେ ଶିବସେନା, ଏନ୍‌ସିପି ଓ କଂଗ୍ରେସ ତିନିଦଳର ତ୍ରାଣଂକୁ ଗଠବନ୍ଧନ ସରକାର । ମୁଖ୍ୟମନ୍ତ୍ରୀ ଉଦ୍ଧବ ନାଁକୁ ଖାଲି ଚୌକି ମାତି ବସିଛନ୍ତି, କିନ୍ତୁ ପ୍ରକୃତ ମୁଖିଆ ହେଲେ ଶରତ ପାୱାର ଏବଂ ସଞ୍ଜୟ ରାଓତ୍ । କଂଗ୍ରେସ ଦଳର ନେତୃବୃନ୍ଦ ଏବଂ କେନ୍ଦ୍ରନେତା ଅନ୍ଧ ମୁକ ବଧୀର ପରି ତାମସା ଦେଖି ନିଜର ଭାଗ ବଂଟି ନେଉଛଂ । ସାଧାରଣ ଜନତା ହଇରାଣ । ବିଜେପି ମୁଖ୍ୟ ବିରୋଧିଦଳ ହିସାବରେ ବହୁତ ବିଧାୟକଙ୍କୁ ଧରି ବସିଛି । କିନ୍ତୁ ପ୍ରଭାବହୀନ ପରି ଲାଗୁଛି । କେବଳ ଫଡନ୍‌ବିଶ୍‌ଙ୍କର ଦୁଇମିନିଟିଆ ବାଇଟ୍ ମଝିରେ ମଝିରେ ଟିଭିରେ ଦେଖିବାକୁ ମିଳୁଛି । ଏବେ ଯେତେଯେତେ କଥା ସବୁ ମୁମ୍ବେଇ ବିଷୟରେ ଲୋକଲୋଚନକୁ ଆସୁଛି, ଏସବୁ ରାତାରାତି ହୋଇଯାଇନି । ଏମାନେ ଅନାଦି କାଳରୁ ଏଠି ଅଛନ୍ତି, ନିଜର ଶାସନ ଚଳେଇ ଆସୁଛଂ । ବିଶ୍ଳେଷଣ କଲେ ଜାଣିହେବ ଜଣେ ସଫଳ ଅଭିନେତା ଅଭିନେତ୍ରୀ ବା ଗାୟକ ଗାୟୀକା ହଠାତ୍ ଗାୟେର୍ ହୋଇଯାଆନ୍ତି । ତାଙ୍କୁ ଜୀବନ ଜୀବିକା ଧରି ଚଳିଲା ପରି କାମ ବି ମିଳେନା । ତେଣୁ କେମିତି କହିବା ମୁମ୍ବେଇ ସହରରେ କଳାର ବିଶେଷ ଆଦର ରହିଛି ବୋଲି ! ସଦାବେଳେ ଏଠି ମାଫିଆରାଜ୍ । ବହୁ ଯୁବା ନୂତନ ଅଭିନେତ୍ରୀଙ୍କୁ ରେବ୍ ପାର୍ଟିକରି ବାଲ୍‌କୋନିରୁ ଠେଲାଯାଇ ଆତ୍ମହତ୍ୟା ରୂପ ଦିଆଯାଏ । ଏଥିରେ ମୁମ୍ବେଇ ପୋଲିସ୍ ଏବଂ ନେତାମାନଙ୍କ ସହଯୋଗ ମିଳେ । ଏଥର କିନ୍ତୁ ଏକ ନୂଆ ଟିଭିଚ୍ୟାନେଲ୍ ଆର୍. ଭାରତ ଏବଂ ରିପବ୍ଲିକ୍ ଇଣ୍ଡିଆ ସବୁ ଖବର ଛାଡିଛୁଡି ମହାରାଷ୍ଟ୍ର ସରକାର, ମହାରାଷ୍ଟ୍ର ପୋଲିସ୍ ଏବଂ ଡ୍ରଗ୍ ମାଫିଆଙ୍କ ପଛରେ ପଡିଗଲା । ପଛେପଛେ ଆଉ ଦୁଇତିନିଟା ଗଣମାଧ୍ୟମ ସେହିପଥ ଅନୁସରଣ କରିବାରୁ ସୁଶାନ୍ତ କେସ୍ ଦିନୁଦିନ ଜଟିଳ ହୋଇ ଶେଷରେ ଏବେ କେନ୍ଦ୍ର ଅଧିନସ୍ଥ ସିବିଆଇ ବିଭାଗ ତଦନ୍ତ କରୁଛି । ଅବଶ୍ୟ ଆମଦେଶ ଏହା ପୂର୍ବରୁ ବହୁ ସିବିଆଇ ତଦନ୍ତ ଦେଖିଛି, ଅଧିକାଂଶ ତଦନ୍ତରେ ଫଳାଫଳ ଶୂନ । ମଝିରେମଝିରେ ଲାଲୁ ଭଳି ଲୋକଙ୍କୁ ଭିତରେ ପୁରେଇ ଇଜ୍ଜତ ବଂଚେଇ ରଖିଥିବାରୁ ଏବେ ବି ଲୋକେ କହୁଛନ୍ତି ସିବିଆଇ ତଦନ୍ତ ହେଉ । କିନ୍ତୁ ଆମ ଚିଟ୍‌ଫଣ୍ଡ କଥା ଦେଖନ୍ତୁ । ଜମାକାରୀ ଅପେକ୍ଷା କରିକରି ଇହଧାମ ତ୍ୟାଗ କରୁଛନ୍ତି ସିନା କିନ୍ତୁ ଟଙ୍କା ଫେରସ୍ତ ମିଳୁନି । ଯେଉଁ ନେତା ବି ତିନିମାସେ ମାମୁଁଘର ଗଲେ, ନିଜନିଜ ପୁଅକୁ ବିଧାୟକ ଜିତେଇ, ରାଜନୈତିକ କ୍ଷେତ୍ରର ଦାୟିତ୍ୱ ହସ୍ତାନ୍ତର କରି ଏବେ ପଘାଛିଣ୍ଡା ଷଣ୍ଢପରି ବଜାର ସାରା ନିଶରେ ଘିଅମାରି ବୁଲୁଛନ୍ତି । ତେଣୁ ନୂଆନୂଆ ଏବେ ତଦନ୍ତରେ ଗତି ଅଛି । ତଦନ୍ତ ପ୍ରକ୍ରିୟାର ଛୋଟମୋଟ ଖବରପାଇ ଲୋକମାନେ ଖୁସିରେ ବିଭୋର ହୋଇହୋଇ ଅଳ୍ପ ଦିନପରେ ବୋର୍ ହୋଇଗଲେ ସେମାନେ ଶୋଇଯିବେ, ତାପରେ ଅଧିକାରୀ ଶୋଇଲେ । ମାଫିଆଙ୍କୁ ଦମନକରିବା କଣ ଛୋଟିଆ କଥା !

ମୁମ୍ବେଇ ସହରକୁ ଭାରତର ଆର୍ଥିକ ଦୃଷ୍ଟିରୁ ରାଜଧାନୀ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତ୍ୟେକ ରାଜ୍ୟର ଲୋକ ଏଠି ବସବାସ କରୁଛନ୍ତି । କଳାକାର ହିସାବରେ ଯେଉଁମାନେ ସେମାନଙ୍କର ନିଜନିଜ କ୍ଷେତ୍ରିୟ ସହରରେ ଭଲ କରୁଛନ୍ତି ସେମାନେ ମୁମ୍ବେଇ ଆସି ବଢିବାର ସ୍ୱପ୍ନ ଦେଖୁଛନ୍ତି । ଏହି ସହରରେ ମରାଠି ମାନଙ୍କ ସଂଖ୍ୟା ଯେତିକି ମରାଠି କହିପାରୁନଥିବା କି ବୁଝିପାରୁନଥିବା ଲୋକଙ୍କ ସଂଖ୍ୟା ଅଧିକ । ତେଣୁ ସୁଶାନ୍ତ ସିଂ ରାଜପୁତ୍‌ର ହତ୍ୟା ହେଉ କି ଆତ୍ମହତ୍ୟା ହେଉ, ଏ ଘଟଣାକ୍ରମରେ ମହାରାଷ୍ଟ୍ର ସରକାର ଏବଂ ମହାରାଷ୍ଟ୍ର ପୋଲିସ ଯେଉଁଭଳି ଭାବେ ନାଟକ କଲେ, ତାହା ଦେଖି ସମସ୍ତେ ଏବେ ଧିରେଧିରେ ବିଶ୍ୱାସ କରିବାକୁ ବାଧ ହେଉଛନ୍ତି ଯେ ଡ୍ରଗ୍‌ମାଫିଆମାନେ ହେଲେ ମହାରାଷ୍ଟ୍ର ସରକାରଙ୍କ ପୋଷ୍ୟପୁତ୍ର । ତାଙ୍କର ପଞ୍ଜାରୁ ମୁମ୍ବେଇକୁ ରକ୍ଷାକରିବାକୁ ହେଲେ ସହରକୁ କେନ୍ଦ୍ର ଶାସିତ ଅଂଚଳ କରିବା ଦିଗରେ ପ୍ରଚେଷ୍ଟା କରାଯିବା ଉଚିତ୍ । କାରଣ ଆଜିର ମନୋଭାବ ନେଇ ମହାରାଷ୍ଟ୍ର ସରକାର କେବେହେଲେ ବାହାରରାଜ୍ୟରୁ ଆସିଥିବା ନାଗରିକଙ୍କୁ ନ୍ୟାୟ ଦେବାରେ ସଫଳ ହେବନାହିଁ । ସେସବୁ ବାହାର ଲୋକଙ୍କ ବିନା ବି ମୁମ୍ବେଇକୁ କଳ୍ପନା କରିବା କଠିନ । ଅମିତାଭ୍ ବଚ୍ଚନ ବିନା ମୁମ୍ବେଇକୁ କିଏ ଭଲ ପାଇବ ! ସିଏ ତ ମରାଠି ନୁହେଁ । ସାହାରୁକ୍ ଖାନ୍ ବି ଦିଲ୍ଲୀରୁ ଆସିଛନ୍ତି । ନିଜେ ବଢିବା ସଙ୍ଗେସଙ୍ଗେ ସେମାନେ ମୁମ୍ବେଇର ବି ମାନସମ୍ମାନ ବିଶ୍ୱ ଦରବାରରେ ବୃଦ୍ଧି କରିଛନ୍ତି । ତେଣୁ ସେହିପରି ଲୋକମାନଙ୍କ ଚିଠା ତ ବହୁତ ଲମ୍ବା । ତାଙ୍କୁ ସବୁ ସହରରୁ ବାହାର କରିଦେଲେ ମୁମ୍ବେଇ କଣ ବଂଚିବ ! ଆଜି ଉଚ୍ଚନ୍ୟାୟାଳୟକୁ ଅବମାନନା ହୋଇଛି, କାଲି ସର୍ବୋଚ୍ଚ ନ୍ୟାୟାଳୟକୁ ଏମିତି କରିପାରନ୍ତି । କେନ୍ଦ୍ର ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣକଲେ ଜନସାଧାରଣଙ୍କ ମନରେ ଆମର ସାର୍ବଭୌମତା ଏବଂ ଗଣତନ୍ତ୍ର ପଦ୍ଧତି ଉପରେ ବିଶ୍ୱାସ ଦୃଢିଭୂତ ହେବ ।

+ ବି.ଟେକ୍.
ସିଭିଲ୍, ଏମ୍.ଟେକ୍.(ପରିବେଶ),
ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ଫଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
୭୯୭୮୦୧୯୦୮୧,
bdpanda1@gmail.com

ସବୁଠାରୁ ବଡ଼ କିଏ ?

ପଙ୍କଜ କୁମାର ପାଣିଗ୍ରାହୀ

ସେକାଳର କଥା । ପ୍ରାଚୀନ ଭାରତର ପ୍ରକୃତିଭରା ପରିବେଶରେ ଲୋକଙ୍କ ଚଳଣି ମଧ୍ୟ ଅତ୍ୟନ୍ତ ପ୍ରାକୃତିକ ଥିଲା । ଗମନାଗମନ ପ୍ରାୟତଃ ପାଦଚଲା କିମ୍ବା ଦୂର ସ୍ଥାନକୁ ଶଗଡ଼ରେ ଯିବା ଆସିବା ହେଉଥାଏ । ସମ୍ପୂର୍ଣ୍ଣ ପ୍ରାକୃତିକ ଖାଦ୍ୟ ବ୍ୟତୀତ କୌଣସି ରାସାୟନିକ ପଦାର୍ଥର ବ୍ୟବହାର ହେଉନଥିଲା । ଅନ୍ୟତ୍ର ଯାତ୍ରା କଲେ ବନ୍ଧୁ ବାନ୍ଧବଙ୍କ ଘରେ କିମ୍ବା କୌଣସି ମନ୍ଦିରରେ ଭୋଜନ କରିବା ବ୍ୟବସ୍ଥା ଥାଏ । ଅଥବା ନିଜେ କିଛି ଶୁଖିଲା ଖାଦ୍ୟ ସାଥିରେ ନେଇଯାଇ ଜଳାଶୟ/ ଝରଣା କୂଳରେ ବସି ଭୋଜନ, ପାନୀୟ ବ୍ୟବସ୍ଥା କରାଯାଉଥିଲା । ରାସ୍ତାଘାଟ କିମ୍ବା ଗ୍ରାମ, ସହର ମାନଙ୍କରେ ଭୋଜନ ବିକ୍ରି କରାଯିବା ଦୋକାନ (ହୋଟେଲ) ବ୍ୟବସ୍ଥା ନଥିଲା । ତେଣୁ ପ୍ରାୟତଃ ଯେଉଁମାନେ ଦୂର ସ୍ଥାନ ଭ୍ରମଣ କିମ୍ବା କୌଣସି କାର୍ଯ୍ୟରେ ଯାତ୍ରା କରୁଥିଲେ ସେମାନେ ନିଜେ ନିଜର ଖାଦ୍ୟ ବ୍ୟବସ୍ଥା କରି ବାହାରୁଥିଲେ ।

ଆମ ରାଜ୍ୟ ଓଡିଶା ପ୍ରଦେଶ ଅନେକ କ୍ଷେତ୍ରରେ ଆଗୁଆ ତଥା ଅନେକ ଚତୁର ମଣିଷ ମାନଙ୍କ ବାସସ୍ଥଳି ଥିଲା, ଯେଉଁମାନେ ପ୍ରାୟତଃ ଭାରତର ଅନ୍ୟାନ୍ୟ ରାଜ୍ୟର ଲୋକଙ୍କ ଠାରୁ ଅପେକ୍ଷାକୃତ ଉନ୍ନତ ଥିବା କିମ୍ବଦନ୍ତୀରୁ ଜଣାଯାଏ । ବିଭିନ୍ନ ବର୍ଗ, ଜାତି, ପ୍ରଜାତିର ଓଡ଼ିଆଙ୍କ କାର୍ଯ୍ୟ କୁଶଳତା ଏବଂ ପାରିବାପଣିଆ ନିଆରା ଥିଲା । କଳା, ବାଣିଜ୍ୟ, ଧର୍ମ ତଥା ଜାତି ପ୍ରୀତିରେ

ଆବଶ୍ୟକତା ନବସୃଜନର ଜନନୀ । ଏକଥା ସବୁକାଳେ ପ୍ରମାଣିତ । କରୋନା ଭୂତାଣୁ ସଂକ୍ରମଣ ଓ ତଦ୍‌ଜନିତ ତାଲାବନ୍ଦ ମାନବ ସମାଜ ପାଇଁ ବିଭିନ୍ନ ପ୍ରକାରର ସଂକଟ ସୃଷ୍ଟି କରିଛି । ଏହାର ସମ୍ମୁଖୀନ ହେବା ସହଜସାଧ୍ୟ ନୁହେଁ । ଥିଲାବାଲାଙ୍କ ପାଇଁ ହୁଏତ ଏହା ଅବସର ବିନୋଦନର ସମୟ; କିନ୍ତୁ ନଥିଲାବାଲାଙ୍କ ପାଇଁ ଜୀବନମରଣର ସମସ୍ୟା ପାଲଟିଛି । ତେବେ ଏହି ସାଧାରଣ ମଣିଷମାନେ ଅନ୍ୟ ଉପରେ ନିର୍ଭର ନକରି ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରିବା ଭିତରେ ଅସାଧାରଣ ଉଦ୍ଭାବନ ମଧ୍ୟ କରିପାରିଛନ୍ତି । କିଏ ଠେଲାଗାଡ଼ି ଓ ମୋଟର ସାଇକଲ୍‌କୁ ଯୋଡ଼ି ଠେଲା-ବାଇକ୍ ତିଆରି କରି ଶହଶହ କିଲୋମିଟର ଯାତ୍ରା କରି ଘରେ ପହଞ୍ଚିଛି ତ ଆଉ କିଏ ସାମାନ୍ୟ ପାଣିବୋତଲରେ ହାତଧୁଆ ଯନ୍ତ୍ର ନିର୍ମାଣ କରିଛି । କିଏ ସାମାଜିକ ଦୂରତା ରକ୍ଷା ପାଇଁ ନିଆରା ଟୋପି ତିଆରି କରିଛି ତ ଆଉ କିଏ ସାଧାରଣ ଫିଙ୍ଗା ଜିନିଷ ବ୍ୟବହାର କରି ନିର୍ମାଣ କରିଛି ପନିପରିବା ବିଶୋଧକ ଯନ୍ତ୍ର । ସାଧାରଣ ଭାରତୀୟମାନେ ଯୋଗାଡ଼ଯନ୍ତ୍ର କରି ନିଜେ ହିଁ ଆତ୍ମନିର୍ଭର ହେବାର ଏପରି କେତେକ ନିଆରା ପ୍ରଚେଷ୍ଟା ।

ଆମେ ଆତ୍ମନିର୍ଭର



ଠେଲା-ବାଇକ୍ :
ପଞ୍ଜାବର ଚୁରୁରେ ଠେଲାଗାଡ଼ିରେ ଆଳୁ ଟିକ୍କି-ଚାଟ୍ ଓ ଆଇସକ୍ରିମ ବିକନ୍ତି ନିୟତ ସିଂହ । ତାଙ୍କ ଘର ମଧ୍ୟପ୍ରଦେଶରେ । ତାଲାବନ୍ଦ ପରେ ତାଙ୍କ ବ୍ୟବସାୟ ବନ୍ଦ ହୋଇଗଲା । ତାଙ୍କ ଚଳିବା କଷ୍ଟକର ହୋଇପଡ଼ିଲା । ସେପଟେ ଯାନବାହନ ବନ୍ଦ ଯୋଗୁ ନିଜ ଘରକୁ ମଧ୍ୟ ଯାଇପାରୁନଥିଲେ । ଏପରି ଅବସ୍ଥାରେ ସେ ପରିବାରକୁ ନେଇ କିଭଳି ଯିବେ, ଚିନ୍ତା କଲେ । ସେ ନିଜ ମୋଟରସାଇକେଲ ଓ ଠେଲାଗାଡ଼ିକୁ ଯୋଡ଼ି ଏକ ନିଆରା ଠେଲା-ବାଇକ୍ ତିଆରି କରିବାରେ ସଫଳ ହେଲେ । ସେହି ଗାଡ଼ି ହିଁ ନିଜ ପରିବାରର ୭ ଜଣଙ୍କ ସହ ଜିନିଷପତ୍ର ଲଦି ବାହାରିପଡ଼ିଲେ ନିଜ ଘର ମଧ୍ୟପ୍ରଦେଶକୁ । ପଞ୍ଜାବ ଓ ଶ୍ରୀଗଙ୍ଗାନଗରର ସୀମାରେ ଟଙ୍କା ଦେବାପରେ ତାଙ୍କୁ ପୁଲିସ ଛାଡ଼ିଥିଲେ ବୋଲି କହିଛନ୍ତି ନିୟତ ସିଂହ ।

ନଳ-ମଟର ସାଇକଲ୍:

ନିକଟରେ ସୋସାଲ ମିଡିଆରେ ଜଣେ କ୍ଷୀରବାଲାର ଫଟୋ ଖୁବ୍ ଚର୍ଚ୍ଚା ସୃଷ୍ଟି କରିଥିଲା । ଏହାର କାରଣ ସେ ନିଜ ବୁଦ୍ଧିରେ କ୍ଷୀର ବିକ୍ରି କରିବାବେଳେ କିଭଳି ସାମାଜିକ ଦୂରତା ରଖିହେବ, ସେଥିପାଇଁ ଉପାୟ ବାହାର କରିଥିଲା । ମଟର ସାଇକଲ ପଛପଟେ ଏକ ନଳ ଲଗାଇ ସେପଟେ ଏକ କାହାଳୀରେ କ୍ଷୀର ଢାଳିବାର ବ୍ୟବସ୍ଥା ତିଆରି କରାଯାଇଥିଲା, ଯେପରିକି ପଛପଟୁ ହିଁ ଲୋକେ କ୍ଷୀର ନେଇପାରିବେ । ଅନ୍ତତଃ ୧ ମିଟର ଦୂରତା ବଜାୟ ରହିବ । ଜଣେ ଆଇଏଏସ୍ ଅଧିକାରୀ ନିତିନ ସାଙ୍ଗୱାନ ଏହି ନିଆରା ନଳ-ଗାଡ଼ିର ଉଦ୍ଭାବନ କ୍ଷୀରବାଲାଟିର ଫଟୋ ଉଠାଇ ଟ୍ୱିଟରରେ ପୋଷ୍ଟ କରିଥିଲେ ।

ଉଡ଼ାଜାହାଜ:
ତାଲାବନ୍ଦ ସମୟରେ କେତେକ ବ୍ୟକ୍ତିଙ୍କ ସୃଜନଶୀଳତା ପଦାକୁ ବାହାରିବାର ସୁଯୋଗ ପାଇଛି । ଏହିପରି ଜଣେ ଯୁବକ ହେଲେ ଲୌହନଗରୀ ଜାମସେଦପୁର ନିକଟବର୍ତ୍ତୀ ତାମୋଲିୟା ଗାଁର ଅମିତ ଚୌଧୁରୀ । ଅମିତ ଛୋଟବେଳେ ସ୍ୱପ୍ନ ଦେଖୁଥିଲେ ଯେ ସେ ଏକ ଉଡ଼ାଜାହାଜ ତିଆରି କରିବେ । ସେ ଏବେ ତାଙ୍କର ସେହି ସ୍ୱପ୍ନକୁ ସାକାର କରିପାରିଛନ୍ତି । ସେ ଥର୍ମୋକୋଲରେ ଉଡ଼ାଜାହାଜର ରି ଏକ ମଡ଼େଲ ତିଆରି କରିଛନ୍ତି ଉଡ଼ିପାରୁଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉଛି ଅମିତ ଜଣେ ସାଧାରଣ ଲକ ଓ ସେ କୌଣସି ପ୍ରଯୁକ୍ତିଗତ ହଣ କରିନାହାନ୍ତି । ବଡ଼ କଷ୍ଟରେ ଶ୍ରେଣୀ ଯାଏଁ ପଢ଼ିଛନ୍ତି । ଅମିତ କରିଥିବା ମଡ଼େଲ ଉଡ଼ାଜାହାଜଟି ୭୦ କିଲୋମିଟର ବେଗରେ ୁଛି । ଦର୍ଶକ ଏହାକୁ ଦେଖି ହୋଇ ରହିପାରୁନାହାନ୍ତି । ଏହା ାକଙ୍କ ବେଶ୍ ଭିଡ଼ ଜମୁଛି । ଅଧା ରିଧିରେ ଏକା ବେଳକେ ଅଧ ପାରୁଥିବା ଏହି ଜାହାଜକୁ ଅମିତ ରିମୋଟ ସାହାଯ୍ୟରେ ନିୟନ୍ତ୍ରଣ କରିଥାନ୍ତି । ଜାହାଜର ଓଜନ ମାତ୍ର ୧୨୦୦ ଗ୍ରାମ । ଅମିତ ଏକ ଡ୍ରିଲ୍ ମେସିନ୍‌ର ମୋଟରକୁ ଏହି ମଡେଲ୍ ଉଡ଼ାଜାହାଜର ଇଞ୍ଜିନ ଭାବେ ବ୍ୟବହାର କରିଛନ୍ତି । ଖରାପ ହୋଇପଡ଼ିଥିବା ବିଭିନ୍ନ ଯନ୍ତ୍ରରୁ ମୋବାଇଲ ବ୍ୟାଟେରି, ସ୍ୱିଚ୍ କଣ୍ଟ୍ରୋଲର, ଟ୍ରାନ୍ସମିଟର, ରିସିଭର୍ ଆଦି ଯନ୍ତ୍ରାଂଶକୁ ଯୋଡ଼ାଯୋଡ଼ି କରି ସେ ଏହାକୁ ତିଆରିଛନ୍ତି । କେବଳ ରିମୋଟଟିକୁ ହିଁ ସେ କିଣିଛନ୍ତି ବୋଲି କହିଛନ୍ତି ।

ବାଇକ୍-ସାନିଟାଇଜର୍:

କରୋନା ଭୂତାଣୁକୁ ନଷ୍ଟ କରିବା ପାଇଁ ବିସ୍ତୀର୍ଣ୍ଣ ଜାଗାକୁ ବିଶୋଧନ କରାଯିବା ପାଇଁ ଚେଷ୍ଟା ଚାଲିଥିଲା । ତେବେ ଏଥିପାଇଁ ସବୁ ଜାଗାରେ ଆବଶ୍ୟକ ଯାନ ଓ ଯନ୍ତ୍ରପାତି ନାହିଁ । ଏହା ଦେଖି ରାୟପୁରର ଓମପ୍ରକାଶ ଗୋୟଲ୍ କ'ଣ କଲେ ଏକାବେଳକେ ବେଶି ଜାଗା ବିଶୋଧନ କରାଯାଇପାରିବ, ସେକଥା ଚିନ୍ତା କଲେ । ସେ ନିଜ ବାଇକ୍‌ର ପଛଚକାରେ ବେରିଙ୍ଗ୍ ଓ ଚେନ୍-ପୁଲି ବ୍ୟବସ୍ଥାକୁ ଏଭଳି ଭାବେ ତିଆରି କଲେ ଯେ ବାଇକ୍ ଷ୍ଟାର୍ଟ ହେବାମାତ୍ରେ ପଛଚକ ଘୂରିଲେ ବାଇକରେ ରଖାଯାଇଥିବା ଦୁଇଟି ସାନିଟାଇଜର୍ ପାତ୍ରରୁ କେମିକାଲ୍ ଛିଞ୍ଚିବା ଆରମ୍ଭ ହୋଇଯାଏ । ସେ ତାଙ୍କର ଏହି ନିଆରା ବାଇକ୍-ସାନିଟାଇଜରରେ ରାୟପୁରର ଅନେକ ଅଞ୍ଚଳକୁ ବିଶୋଧନ କରିପାରିଛନ୍ତି । ଏମ୍‌ପ୍ରକାଶ ମାତ୍ର ଦଶମ ଶ୍ରେଣୀ ପଢ଼ିଛନ୍ତି । ତାଙ୍କର ଏହି କାମକୁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି ।

ବୋତଲ-ହାତଧୁଆ ଯନ୍ତ୍ର:

କରୋନାରୁ ରକ୍ଷା ପାଇବା ପାଇଁ ଏ ପର୍ଯ୍ୟନ୍ତ ଯେଉଁ ଉପାୟଗୁଡ଼ିକ କୁହାଯାଇଛି, ତା' ଭିତରେ ରହିଛି ସଫାସୁତୁରା ରହିବା, ସାବୁନରେ ହାତ ଧୋଇବା । ଆଦିବାସୀ ଅଞ୍ଚଳରେ ପାଣି ଆଧୁନିକ ବ୍ୟବସ୍ଥା ନଥିବାରୁ ବାରମ୍ବାର ହାତ ଧୋଇବା । ଏହି ସମସ୍ୟାର ସମାଧାନ ଚିନ୍ତା କଲେ କେତେକ । ମଧ୍ୟପ୍ରଦେଶର ଝାବୁଆ ହାତଧୁଆ ବ୍ୟବସ୍ଥା, ଯେଉଁଥିରେ ଧୋଇହେବା ସହ ପାଣି ମଧ୍ୟ ସେମାନେ ଗୋଟିଏ ବାଡ଼ି ବୋତଲକୁ ନେଇ ତିଆରି ହାତଧୁଆ ବ୍ୟବସ୍ଥା, ଯେଉଁଥିରେ ଧୋଇହେବା ସହ ପାଣି ମଧ୍ୟ ବାରମ୍ବାର ହାତ ଧୋଇବା ସମ୍ଭବପର ନୁହେଁ ବାହାର କରିବାକୁ ଆଦିବାସୀ ଯୁବତୀ ଅନ୍ତର୍ଗତ ନିଆରା ଠିକ୍‌ଭାବେ ହାତ ଅଳ୍ପ ଖର୍ଚ୍ଚ ହେଉଛି । ମଝିରେ ଦୁଇଟି କରିଛନ୍ତି ନିଆରା ଠିକ୍‌ଭାବେ ହାତ ଅଳ୍ପ ଖର୍ଚ୍ଚ ହେଉଛି । ସେମାନେ ଗୋଟିଏ ବାଡ଼ି ମଝିରେ ଦୁଇଟି ପ୍ଲାଷ୍ଟିକ୍ ବୋତଲ୍‌କୁ ବାନ୍ଧିଦେଇ ଏକ ବୋତଲରେ ସାବୁନ ପାଣି ଓ ଆଉ ଗୋଟିଏରେ ସାଦା ପାଣି ଭର୍ତ୍ତି କରିଛନ୍ତି । ସେହି ବୋତଲ୍ ଦୁଇଟିକୁ ତଳେ ଥିବା ଏକ ପ୍ୟାଡେଲ୍ ସହ ଏପରି ଯୋଡ଼ାଯାଇଛି, ଯେପରିକି ପ୍ୟାଡେଲକୁ ଦବାଇବା ମାତ୍ରେ ବୋତଲର ଉପର ଅଂଶ ତଳକୁ ହୋଇଯାଏ ଓ ପାଣି ତଳେ ପଡ଼େ । ତେଣୁ ଆବଶ୍ୟକ ଅନୁସାରେ ସେଥିରୁ ବାହାରୁଥିବା ପାଣିରେ ହାତ ଧୋଇ ହୋଇହେଉଛି । ଏହାଦ୍ୱାରା ସାବୁନ ଓ ପାଣି ଅଳ୍ପ ଖର୍ଚ୍ଚ ହେଉଛି । ଏଭଳି ବୋତଲ-ହାତଧୁଆ ଯନ୍ତ୍ର ଗୋପାଳପୁରା ଗାଁର ଅନେକ ଜାଗାରେ ସେମାନେ ତିଆରି କରି ଲଗାଇଛନ୍ତି, ଯେପରିକି ସମସ୍ତେ ସହଜରେ ବାରମ୍ବାର ହାତ ଧୋଇପାରିବେ । ଶୀଲା ଡୋମାର, ପିଙ୍କି ଡାମୋର୍ ଓ ତାଙ୍କ ସାଙ୍ଗମାନେ ଏହି ନିଆରା 'ଜୁଗାଡ଼'କୁ ତିଆରି କରିଛନ୍ତି ।

କୋଭିଡ-୧୯ ବାଇକ୍:
ତ୍ରିପୁରାର ଅଗରତଲା ନିକଟରେ ରହିଛି ଅରଲିଆ ଗାଁ । ଏହି ଗାଁର ପାର୍ଥ ସାହା ଏଭଳି ଏକ ଇଲେକ୍ଟ୍ରିକ ବାଇକ୍ ତିଆରି କରିଛନ୍ତି, ଯାହା ଏବେ ଚର୍ଚ୍ଚାରେ ରହିଛି । ଏହାର କାରଣ ହେଲା ସାମାଜିକ ଦୂରତା ରକ୍ଷା ପାଇଁ ଏହି ବାଇକ୍‌ରେ ଥିବା ଦୁଇଟି ସିଟ୍‌ର ବ୍ୟବଧାନକୁ ୧ ମିଟର ରଖାଯାଇଛି । ପାର୍ଥ ଏହି ବାଇକ୍‌ର ନାଁ ରଖିଛନ୍ତି 'କୋଭିଡ-୧୯ ବାଇକ୍' । ୩୯ ବର୍ଷୀୟ ଏହି ଯୁବକ ଏହାକୁ ତିଆରି କରିବାକୁ ଏକ ପେଟ୍ରୋଲ୍-ଚାଳିତ ମୋଟର ସାଇକଲର ଫ୍ରେମ୍‌କୁ ଲମ୍ବା କରିଦେବା ସହ ସାଇକଲ ସିଟ୍‌କୁ ବ୍ୟବହାର କରିଛନ୍ତି, ଯେପରିକି ଆଗ ଓ ପଛ ସିଟ୍ ୧ ମିଟର ଦୂରତା ରହିବ । ପେଟ୍ରୋଲ୍ ଇଞ୍ଜିନ ବଦଳରେ ସେ ୪୮ ଭୋଲ୍‌ଟ୍ ବ୍ୟାଟେରି ସଂଯୋଗ ହୋଇଥିବା ୭୫୦ ୱାଟ୍‌ର ଏକ ଡିସି ମୋଟର ଲଗାଇଛନ୍ତି । ପାର୍ଥ ତାଙ୍କ ଝିଅକୁ ଏହି କୋଭିଡ-୧୯ ବାଇକ୍‌ରେ ବସାଇ ନେଉଥିବାର ଚିତ୍ର ବେଶ୍ ଚର୍ଚ୍ଚିତ ହୋଇଛି ।

ବିଶୋଧକ ଗୃହ:
ଉତ୍ତର ପ୍ରଦେଶର ରାମପୁର ବାସିନ୍ଦା ଜଣେ ଇଞ୍ଜିନିୟର୍ ଏକ ନିଆରା ବିଶୋଧକ ଗୃହ ନିର୍ମାଣ କରିଛନ୍ତି । ଏଥିପାଇଁ ସେ ଘରେ ପଡ଼ିରହିଥିବା ଅବ୍ୟବହୃତ ଜିନିଷକୁ ବ୍ୟବହାର କରିଛନ୍ତି । ଏଥିରେ ମାତ୍ର ଏକ ମିନିଟ୍‌ରୁ କମ୍ ସମୟ ଭିତରେ ଜଣେ ବ୍ୟକ୍ତିଙ୍କର ମୁଣ୍ଡରରୁ ଗୋଡ଼ ପର୍ଯ୍ୟନ୍ତ ବିଶୋଧନ କରାଯାଇପାରୁଛି । ରେଡିକୋ ଖେତାନରେ କାମ କରୁଥିବା ରାଜେଶ ଖାନ୍ନା ଏଭଳି ଏକ ବିଶୋଧକ ଗୃହ ତିଆରି କରିବା କଥା ଭାଇ ମନିଷଙ୍କୁ କହିଲେ । ବଜାର ବନ୍ଦ ଥିବାରୁ ଆବଶ୍ୟକ ଜିନିଷ ମିଳିଲା ନାହିଁ । ତା'ପରେ ଔଷଧ ଦୋକାନ କରିଥିବା ମନିଷଙ୍କ ଦୋକାନରୁ ଫ୍ଲେକ୍ସି ବୋର୍ଡର ଏଙ୍ଗେଲକୁ ଆଣି ସେ ମେସିନର ଫ୍ରେମ୍ ଭାବେ ବ୍ୟବହାର କଲେ । ଏହାପରେ ସେମାନେ ୧୨ ଭୋଲ୍‌ଟର ବ୍ୟାଟେରି, ଔଷଧ ଛିଞ୍ଚିବା ପାଇଁ ପ୍ରୟୋଗ କରାଯାଉଥିବା ସ୍ପ୍ରେ ମେସିନ ପମ୍ପ୍ ଓ ତିନିଟି ନୋଜଲ୍‌କୁ ଯୋଡ଼ାଯୋଡ଼ି କରି ସେ ଏହି ଗୃହଟିକୁ ତିଆରି କରିବାରେ ସଫଳ ହେଲେ । ଏହି ମେସିନକୁ ବିଦ୍ୟୁତ୍ ବ୍ୟତୀତ ବ୍ୟାଟେରି ଓ ସୌରଶକ୍ତିରେ ମଧ୍ୟ ଚଳାଇହେବ ବୋଲି ରାଜେଶ କହନ୍ତି । ଏହି ବିଶୋଧକ ଗୃହରେ ପ୍ରବେଶ କରିବା ମାତ୍ରେ ବ୍ୟକ୍ତିଟି ଉପରେ ତିନିଟି ନୋଜଲ୍‌ରୁ ବିଶୋଧକ ସ୍ପ୍ରେ ହେଉଛି ଓ ସଂପୂର୍ଣ୍ଣ ରୂପେ ବିଶୋଧନ କରିଦେଉଛି ।

ଥରେ ଦୁର୍ଗ ଭିତରକୁ ଗଲେ ଫେରିବା ଅସମ୍ଭବ

ଉତ୍ତରପ୍ରଦେଶ ଅଲିଗଡ଼ ଜିଲ୍ଲାରେ ହେତମପୁରରର ନାମକ ଏକ ଗାଁ ଅଛି । ଏହି ଗାଁରେ ପ୍ରାଚୀନ ସମୟରେ ହେତମ ଖାନ ନାମକ ଜଣେ ରାଜାଙ୍କ ଶାସନ ଥିଲା । ଏହି ସ୍ଥାନରେ ସେ ଏକ ଦୁର୍ଗ ତିଆରି କରିଥିଲେ । କିନ୍ତୁ ଏହି ଦୁର୍ଗ ଅନ୍ୟ ଦୁର୍ଗଠାରୁ ଭିନ୍ନ ଥିଲା । ସେ ଦୁର୍ଗ ଭିତରେର ଏକ ସୁଡ଼ଙ୍ଗ ତିଆରି କରିଥିଲେ । ହେଲେ ସେଇ ସୁଡ଼ଙ୍ଗ ଭିତରକୁ ଯିବା ସହଜ ନଥିଲା । ସୁଡ଼ଙ୍ଗ ଭିତରକୁ ପ୍ରବେଶ କରିବାର ବାଟ ଏବଂ ଫେରିବାର ବାଟ କାହାକୁ ଜଣା ନଥିଲା । ଏବେ ବି ସେଇ ଦୁର୍ଗ ଭଗ୍ନାବସ୍ଥାରେ ଅଛି । କିନ୍ତୁ ଏହି ଦୁର୍ଗ ଭିତରକୁ ଯିବାକୁ ଲୋକମାମେ ଭୟ କରନ୍ତି । କାରଣର ଲୋକଙ୍କ ବିଶ୍ୱାସ ଯେ ଦୁର୍ଗ ଭିତରକୁ ଯେଉଁ ବ୍ୟକ୍ତି ଯାଏ ସେ ଅଦୃଶ୍ୟ ହୋଇଯାଏ । ଲୋକମାନେ କହନ୍ତି ଦୁର୍ଗ ଭିତରେ ଜଣେ ପ୍ରେତାତ୍ମା ବାସ କରୁଛି । ଯେଉଁଥିପାଇଁ ରାତି ହେଲେ କୌଣସି ବି ବ୍ୟକ୍ତି ଏହି ଦୁର୍ଗ ନିକଟକୁ ଆସନ୍ତି ନାହିଁ । ଲୋକମାନେ ଏହି ଦୁର୍ଗକୁ ଭୁଲାନି କୋଟ୍ କହିଥାନ୍ତି । ଲୋକମାନେ ଅଦୃଶ୍ୟ ହୋଇଯିବା ପଛରେ ଏକ କାହାଣୀ ରହିଛି । ବହୁତ ବର୍ଷ ତଳେ ଏକ ରାତିରେ ଏହି ଦୁର୍ଗ ନିକଟ ଦେଇ ବରଯାତ୍ରୀମାନେ ଯାଉଥିଲେ । ସେହି ସମୟରେ ଯାତାୟତ ପାଇଁ ଗାଡ଼ି ସୁବିଧା ନଥିଲା । ସେଥିପାଇଁ ଲୋକମାନେ ଚାଲି କରି ନଚେତ୍ ବଳଦଗାଡ଼ିରେ ଯାଉଥିଲେ । ବାଟ ଅଧିକ ଥିବାରୁ ସେମାନେ ରାସ୍ତାରେ ବିଶ୍ରାମ ନେଉଥିଲେ । ଯେତେବେଳେ ବରଯାତ୍ରୀମାନେ ଏହି ଦୁର୍ଗ ନିକଟ ଦେଇ ଯାଉଥିଲେ । ଦୁର୍ଗରର ସୁନ୍ଦରତା ଦେଖି କିଛି ଲୋକ ଭିତରକୁ ବିଶ୍ରାମ କରିବାକୁ ଚାଲି ଯାଇଥିଲେ । ଆଉ କିଛି ଲୋକ ବାହାରେ ବଳଦଗାଡ଼ିରେ ବିଶ୍ରାମ ନେଇଥିଲେ । ସକାଳୁ ଯେତେବେଳେ ସେମାନେ ଉଠିଲେ ଦେଖିଲେ ଦୁର୍ଗ ଭିତରୁ କେହି ବି ଲୋକ ବାହାରକୁ ବାହାରୁନାହାନ୍ତି । ବାହାରୁ କିଛି ଲୋକ ସେମାନଙ୍କୁ ଖୋଜିବାକୁ ଯାଇଥିଲେ । ହେଲେ ସେମାନେ ବି ଫେରି ନଥିଲେ । ଏହା ଦେଖି ଦୁର୍ଗ ବାହାରେ ଥିବା ଲୋକମାନେ ଡରି ଯାଇ ସେଠାରୁ ଚାଲି ଯାଇଥିଲେ । ଧୀରେ ଧୀରେ ଗାଁ ସାରା ଏଇ କଥା ବ୍ୟାପି ଯାଇଥିଲା ଏବଂ ଗାଁ ଲୋକେ ଦୁର୍ଗର ସୁଡ଼ଙ୍ଗକୁ ପଥରରେ ବନ୍ଦ କରି ଦେଇଥିଲେ । ସେବେଠାରୁ ଏଇ ଦୁର୍ଗ ଭିତରକୁ କେହି ବି ଯିବାକୁ ସାହସ କରନ୍ତି ନାହିଁ । କିଛି ଲୋକ କୁହନ୍ତି ସୁଡ଼ଙ୍ଗ ଭିତରେ ବହୁମୂଲ୍ୟ ସମ୍ପତ୍ତି ପଡ଼ି ରହିଛି । ହେଲେ ସେଇ ସମ୍ପତ୍ତିକୁ ଆଜି ପର୍ଯ୍ୟନ୍ତ କେହି ବି ଦୁର୍ଗ ବାହାରକୁ ଆଣି ପାରିନାହାନ୍ତି ।

ମହିଳାଙ୍କ ଉପରେ ଚାପ

ବର୍ତ୍ତମାନ ମଧ୍ୟ ଅଧିକାଂଶ କମ୍ପାନୀ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ ଜରିଆରେ କାମ କରାଯାଉଛି । ଦିଲ୍ଲୀ, ମୁମ୍ବାଇରେ ୩୧% କର୍ମଜୀବୀ ମହିଳା ଘରେ କାମ କରୁଥିବାର ପ୍ରକାଶ ।

-ଘରୁ କାମ କରିବା ଦ୍ୱାରା ମହିଳାଙ୍କ ଉପରେ କାମର ଚାପ ଅଧିକ ପଡୁଛି । କାରଣ ପରିବାର ସଦସ୍ୟମାନେ ସେମାନଙ୍କ ଏଇ କାମ ଶୈଳୀକୁ ବୁଝି ନ ପାରି ବରଂ ଘରକାମରେ ସହଯୋଗ କରିବାକୁ କହୁଛନ୍ତି ।

-ବିଶେଷଜ୍ଞ ମୋନିକା ଶର୍ମା କହିଛନ୍ତି, ଗତ କିଛିଦିନ ମଧ୍ୟରେ ଅନ୍-ଲାଇନ୍ ଜରିଆରେ ସଂଖ୍ୟାଧିକ ମହିଳାଙ୍କ ଅଭିଯୋଗ ତାଙ୍କ ପାଖକୁ ଆସୁଛି । ଗୋଟିଏ ସମୟରେ ଉଭୟ ଘର କାମ ଓ ଅଫିସ୍‌ର ୱାର୍କ କାମ ଓ ଅଫସ୍‌ର ୱାର୍କ ଫ୍ରମ୍ ହୋମ୍ ଦାୟିତ୍ୱ ତୁଲାଇ ମହିଳାମାନେ ଅତିଷ୍ଠ ହୋଇପଡ଼ିଲେଣି ।

-ଏଭଳି ସମୟରେ ଘରର ସଦସ୍ୟମାନେ ବୁଝିବା ନିତାନ୍ତ ଜରୁରୀ । ମାନସିକ ଚାପରୁ ବର୍ତ୍ତିବା ପାଇଁ ମହିଳାମାନେ ନିଜ କାମକୁ ପ୍ରାଧାନ୍ୟ ଦେବା ଉଚିତ । ଯୋଗ, ଧ୍ୟାନ କଲେ ଏସବୁର ଚାପ କମ୍ ହେଉଥିବାର ବିଶେଷଜ୍ଞଙ୍କ ମତ ।



ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ହେଲେ ତୁଷାରକାନ୍ତି ମଣ୍ଡଳ

ଭୁବନେଶ୍ୱର,୧୩।୯ (ନି.ପ୍ର):ଭାରତୀୟ ରେଳବାଇ କାର୍ମିକ ସେବା ୧୯୮୭ ବ୍ୟାଚ୍ ର ବରିଷ୍ଠ ଅଧିକାରୀ ଶ୍ରୀ ତୁଷାରକାନ୍ତି ମଣ୍ଡଳ ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି । ପୂର୍ବତଟ ରେଳପଥରେ ଯୋଗଦାନ ପୂର୍ବରୁ ଶ୍ରୀ ମଣ୍ଡଳ ମୁମ୍ବାଇ ସ୍ଥିତ କେନ୍ଦ୍ରୀୟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ (ପ୍ରଶାସନ) ଭାବେ କାର୍ଯ୍ୟକରିଥିଲେ । ଶ୍ରୀ ମଣ୍ଡଳ ଗୌହାଟୀ ସ୍ଥିତ ରେଲୱେ ଭର୍ତି ବୋର୍ଡ ରେ କାର୍ଯ୍ୟ କରିଥିବା ବେଳେ ଭାରତୀୟ ରେଳବାଇରେ ବିଭିନ୍ନ ପଦ ପଦବୀରେ ମଧ୍ୟ ସୁଚାରୁ ଭାବେ କାର୍ଯ୍ୟ କରିଛନ୍ତି । ସେ ପୂର୍ବ ରେଳପଥର ହାଓଡ଼ା, ସିଆଲଦା ଓ ମାଲଦା ରେଳମଣ୍ଡଳ ରେ ମଧ୍ୟ କାର୍ଯ୍ୟ କରିଥିଲେ । ହାଇଦ୍ରାବାଦ ସ୍ଥିତ ଇଣ୍ଡିଆନ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଂଟରେ ଷ୍ଟ୍ରାଟେଜିକ୍ ମ୍ୟାନେଜମେଂଟରେ ସ୍ନାତକୋତର ଡିଗ୍ରୀ ପ୍ରଶିକ୍ଷଣ ନେଇଥିବା ବେଳେ ୨୦୦୮ ମସିହାରେ କାନାଡ଼ାସ୍ଥିତ ରଟମ୍ୟାନ ମ୍ୟାନେଜମେଂଟ ସ୍କୁଲରେ ଆଡ଼ଭାନ୍ସ ମ୍ୟାନେଜମେଂଟ ପ୍ରଶିକ୍ଷଣ ହାସଲ କରିଛନ୍ତି ।

୨୦ କେଜି ଗଞ୍ଜେଇ ଜବତ ଦୁଇ ଗିରଫ

ମାଲକାନଗିରି,୧୩।୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ ଗତକାଲି ରାତ୍ରରେ ପେଟ୍ରୋଲିଂ କରୁଥିବା ବେଳେ ଦୁଇ ଟି ବସ୍ତା ରେ ଭର୍ତି କରି ବାଇକ ଯୋଗେ ଗଞ୍ଜେଇ ନେଉଥିବା ଦୁଇ ଜଣ ଯୁବକ ଙ୍କୁ ଗିରଫ କରି ଛନ୍ତି । ଗିରଫ ଦୁଇଜଣ ହେଲେ ପଡିଆ ବ୍ଲକ ମାଟେରୁ ଗ୍ରାମର ଶିଙ୍ଗା ମାଡକାମି ଏବଂ ବାଲମପାଲି ଗ୍ରାମର ଭଦ୍ରା ପଡିଆମି ବୋଲି ତଦନ୍ତ ଅଧିକାରୀ ଏସ ଆଇ ସି, ଏଚ ବେନିଆ ସୁଚନା ଦେଇଛନ୍ତି । ଗତକାଲି ଥାନା ଏସଆଇ ପଂଚାନନ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ କାଲିମେଳା - ପୋଟେରୁ ରାସ୍ତାରେ ରାତ୍ରି ପେଟ୍ରୋଲିଂ କରୁଥିଲେ ! ଏହି ସମୟରେ ପୋଟେରୁ ଗ୍ରାମ ଭିତରୁ ଅଭିଯୁକ୍ତ ଦୁଇ ଜଣ ଗୋଟିଏ ବାଇକ ରେ ବସ୍ତା ରେ କିଛି ସାମଗ୍ରୀ ନେଇଯାଇଥିବା ଦେଖିବାକୁ ପାଇଥିଲେ ପରେ ଏହାକୁ ଯାଂଚ କରିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା । ତୁରନ୍ତ ମୋଟର ସାଇକେଲ ସହ ଗଞ୍ଜେଇ ବସ୍ତା ଙ୍କୁ ଜବତ କରିବା ସହ ଦୁଇ ଜଣକୁ ଗିରଫ କରି ଥାନାକୁ ଆଣିଥିଲେ ! ଦୁଇଟି ବସ୍ତା ରେ ମୋଟ ୨୦କେଜି ୧ ଶହ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଛି ! ଏନ ଡ଼ି ପିଏସ ଆକ୍ଟ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି !

କାର୍ଯ୍ୟରେ ଆସୁନି ପାଇଖାନା: ସ୍ୱଚ୍ଛ ଭାରତ ମିଶନ ଯୋଜନା ଫେଲ ଅଭିଯୋଗ

ନୂଆପଡା,୧୩।୯ (ନି.ପ୍ର): କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଂଚି ଥିଲେ ମଧ୍ୟ ସଚେତନତାର ଅଭାବ ଯୋଗୁଁ ତାହା ବ୍ୟବହାର ଯୋଗ୍ୟ ହୋଇ ପାରୁନାହିଁ । ଯାହା ଫଳରେ ଏହି ଯୋଜନା ଏକ ପ୍ରକାର ନୂଆପଡା ଜିଲ୍ଲାରେ ଫେଲ ମାରିଥିବା ପରିଲକ୍ଷିତ ହେଉଛି । ସରକାର ଗ୍ରାମା ଳର ଗରିବ ପରିବାରଙ୍କୁ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ପାଇଖାନା ନିର୍ମାଣ କରିବାକୁ ୧୨ ହଜାର ଟଙ୍କାର ଆର୍ଥିକ ସହଯୋଗ ପ୍ରଦାନ କରିଛନ୍ତି । ଜିଲ୍ଲାର ଗ୍ରାମାଂଚଳର ୮୦ ପ୍ରତିଶତ ଘରେ ପାଇଖାନା ନିର୍ମାଣ ହୋଇଛି । କିନ୍ତୁ ଏହା ବ୍ୟବହାର ଉପଯୋଗୀ ହୋଇ ପାରିନାହିଁ । ପାଇଖାନା ପାଇଁ ନିର୍ମାଣ କରୁଥିବା ସଂସ୍ଥାର ନିମ୍ନମାନର ପାଇଖାନା ତିଆରି ଯୋଗୁଁ ଅନେକ ପାଇଖାନା ବର୍ତମାନ ଭଗ୍ନ ଅବସ୍ଥାରେ ପଡି ରହିଥିବା ବେଳେ ତାହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ । ଯାହାଫଳରେ ଅଧିକାଂଶ ପାଇଖାନାରେ ତାଲା ଝୁଲୁଛି । ଫଳରେ ବିଶେଷକରି ଗ୍ରାମାଂଚଳରେ ଏହି ଯୋଜନା ସମ୍ପୂର୍ଣ୍ଣ ଭାବରେ ଫେଲ ମାରିଥିବା ଅଭିଯୋଗ ହେଉଛି । ଗ୍ରାମାଂଚଳର ଅଧିକାଂଶ ପୁରୁଷ/ମହିଳା ମାନେ ପୂର୍ବ ଭଳି ବାହାରକୁ ଶୌଚ ପାଇଁ ଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଜିଲ୍ଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ଜିଲ୍ଲାର ସମସ୍ତ ଗ୍ରାମର ପ୍ରବେଶ ପଥ ସମ୍ମୁଖରେ ବାହ୍ୟ ମଳମୁକ୍ତ ଗ୍ରାମ ବୋଲି ବୋର୍ଡ ଲଗାଇ ବାହାବା ନେଉଥିବା ବେଳେ ନୂଆପଡା ଜିଲ୍ଲାରେ ଏହାର ତିବ୍ର ବ୍ୟତିକ୍ରମ ଦେଖାଦେଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବା ସହ ଆବଶ୍ୟକ ସଚେତନତା ଗ୍ରହଣ କରିବାର ଆବଶ୍ୟକତା ରହିଛି ।

ବାଇକ୍ ମଧ୍ୟରେ କୁକୁର ପଶିଯିବା କାରଣରୁ ଆରୋହୀ ଗୁରୁତର, ସାଥିରେ ଥିବା ମହିଳା ଆହତ

ହରିଚନ୍ଦନପୁର,୧୩।୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ନିକଟସ୍ଥ କଲେଜ ଛକ ନିକଟରେ ବାଇକ୍ ମଧ୍ୟରେ କୁକୁର ପଶିଯିବା କାରଣରୁ ଆରୋହୀ ଗୁରୁତର ହୋଇଥିବା ବେଳେ ସାଥିରେ ଥିବା ମହିଳା ଆହାତ ହୋଇଛନ୍ତି । ଖବର ଅନୁଯାୟୀ ଆଜି ଅପରାହ୍ନ ସମୟରେ ହରିଚନ୍ଦନପୁର ନିକଟସ୍ଥ ହାତିଆନାଳୀ ଗ୍ରାମର ମିତା ମୁଣ୍ଡା ସମ୍ପର୍କୀୟ ଭାଇ ନିଳମଣୀ ମୁଣ୍ଡାଙ୍କ ସହ ବାପଘର ପଣ୍ଡାପଡାକୁ ବାଇକ୍ ଯୋଗେ ଯାଉଥିଲେ । କଲେଜ ଛକ ନିକଟରେ ଅଚାନକ ଏକ ବୁଲା କୁକୁର ଦୌଡ଼ି ଆସି ବାଇକ୍ ମଧ୍ୟରେ ପଶିଯିବା ଫଳରେ ଘଟଣାସ୍ଥଳରେ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବାଇକ୍ ଆରୋହୀଙ୍କ ସହ ସାଥିରେ ଥିବା ମହିଳା ଜଣଙ୍କ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ନିକଟରେ ଥିବା ଯୁବକମାନେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନିଳମଣୀଙ୍କୁ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

ଯାତ୍ରା କଳାକାର ମହେନ୍ଦ୍ର ଦାଶଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୧୩।୯ (ନି.ପ୍ର): ଓଡ଼ିଆ ଯାତ୍ରା ଜଗତର ବିଶିଷ୍ଟ ଖ୍ୟାତାନାମା କଳାକାର ମହେନ୍ଦ୍ର ଦାଶ (ଭିକୁ ସେଠ) ବିୟୋଗରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକାବ୍ୟକ୍ତ କରିଛନ୍ତି ।ସ୍ୱର୍ଗତ ଶ୍ରୀ ଦାଶଙ୍କ ଦେହାନ୍ତ ଓଡିଶା ଯାତ୍ରା ଗଗତରେ ଏକ ଅପୁରଣୀୟ କ୍ଷତି ।ଯାତ୍ରା ସାଗୁଣା ବସିଛି ଡେଣା ମେଲେଇ ର ସଂଳାପକୁ ଏବେ ବି ଯାତ୍ରା ପ୍ରେମୀ ମନେପକାନ୍ତି ।ତିନି ଦଶନ୍ଧି ଧରି ଯାତ୍ରା ଜଗତରେ ଜଡିତ ରଖି ବିଭିନ୍ନ ଭୁମିକାରେ ଅଭିନୟ କରି ପ୍ରସିଦ୍ଧି ଲାଭ କରିଛନ୍ତି । ତାଙ୍କର ଉଚ୍ଚକୋଟୀର ଅଭିନୟ ହିଁ ଦର୍ଶକଙ୍କୁ ଆକର୍ଷିତ କରେ ।ସେ ଜଣେ ଯାତ୍ରା କଳାକାର ନଥିଲେ ସେ ଥିଲେ କଳାକାର ସୃଷ୍ଟି କରିବାର ଅନୁଷ୍ଠାନ ।ସ୍ୱର୍ଗତ ମହେନ୍ଦ୍ର ବାବୁଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ।

ଅମୃତ ସହର ଭଦ୍ରକରେ ପାନୀୟ ଜଳ ଯୋଗାଣ କେବେ ! : ଅବଧି ସରୁଛି, କାର୍ଯ୍ୟ ଅଟକିଛି

ଭଦ୍ରକ, ୧୩/୯ (ହି.ସ.) - ଅମୃତ ସହର ଭଦ୍ରକରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଦିଗହରା ହୋଇପଡିଛି । କାର୍ଯ୍ୟାଦେଶ ପାଇଥିବା ଠିକାଦାର ବିଭିନ୍ନ ଆଳ ଦେଖାଇ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ କରିନପାରି ସମୟ ଗଡାଉଛନ୍ତି । ବିଭାଗୀୟ କର୍ତୃପକ୍ଷ କେବଳ ସେମାନଙ୍କ ଉପରେ ପେନାଲ୍ଟି ଲଗାଇ ନୀରବ ବସୁଛି । ଅପରପକ୍ଷେ ଉଭୟ ବିଭାଗୀୟ କର୍ତୃପକ୍ଷ ଓ ଠିକାଦାରଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ସହରବାସୀଙ୍କ ନିକଟରେ ଅମୃତ ଯୋଜନାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁଫଳ ପହଂଚି ପାରୁନାହିଁ । ଏଠାରେ ସୂଚନାଯୋଗ୍ୟ, ଭଦ୍ରକ ସହର ୨୦୧୬ ମସିହାରେ ଅମୃତ ଯୋଜନାରେ ସାମିଲ ହୋଇଥିଲା । ଏହି ଯୋଜନାରେ ପାନୀୟ ଜଳ ଯୋଗାଣ, ସହରବାସୀଙ୍କ ମନୋରଂଜନ ପାଇଁ ଅମୃତ ପାର୍କ, ସହର ମଧ୍ୟରେ ଆଲୋକୀକରଣ ବ୍ୟବସ୍ଥା, ପରିମଳ ବ୍ୟବସ୍ଥାର ଉନ୍ନତି ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହି କ୍ରମରେ ପୌରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୮୩ କୋଟି ଟଙ୍କା ମଂଜୁର ହୋଇଥିଲା । ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୫ ଠିକା ସଂସ୍ଥାଙ୍କୁ ୬ଟି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି ମେଗା ପ୍ରକଳ୍ପରେ ମୋଟ ୨୧୩ କିଲୋମିଟର (କିମି) ଲମ୍ବର ପାଇପ୍ ବିଛାଯାଇ ସମସ୍ତଙ୍କ ନିକଟରେ ପାନୀୟ ଜଳ ପହଂଚିବାର ବ୍ଲୁ ପ୍ରିଂଟ ପ୍ରସ୍ତୁତ ହୋଇଥିଲା । କିନ୍ତୁ ଏହି ପ୍ରକଳ୍ପ ଆରମ୍ଭ ହେବାକୁ ଇତିମଧ୍ୟରେ ୩ ବର୍ଷ ବିତିସାରିଛି । ବିଭାଗୀୟ ଉପ ନିର୍ବାହୀ ଯନ୍ତ୍ରୀ ଇଂ ମନୋରଂଜନ ଜେନାଙ୍କ ସୂଚନା ଅନୁଯାୟୀ ବର୍ତମାନ ସୁଦ୍ଧା ୧୮୮ କିମି ଲମ୍ବର ପାଇପ୍ ବିଛା କାର୍ଯ୍ୟ ସରିଛି । ଭୂପୃଷ୍ଠରୁ ଜଳ ଉତୋଳନ ପାଇଁ ଜଳ ଉତ୍ସ କାର୍ଯ୍ୟ ମଧ୍ୟ ସରିଛି । କିନ୍ତୁ କେତେକ ସ୍ଥାନରେ ପାଇପ୍ ବିଛାଇବାବେଳେ କେତେକ ସ୍ଥାନୀୟ ବ୍ୟକ୍ତି ନିଜର ବ୍ୟକ୍ତିଗତ ଜମିଥିବା କହି କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି । କାର୍ଯ୍ୟ ସଂପୂର୍ଣ୍ଣ ହେବାରେ ବିଳମ୍ବ ଘଟୁଛି । ତଥାପି ଆମେ ଏହି ବିଳମ୍ବ ପାଇଁ ସଂପୃକ୍ତ ଠିକାଦାରଙ୍କ ଉପରେ ପେନାଲ୍ଟି ଲାଗଇଛୁ । ଦୁଇହଜାର ମସିହାରେ ଆରଡବ୍ଲ୍ୟୁଏସ୍ଏସ୍ ଠାରୁ ପୃଥକ୍ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ପାଇଥିଲା ଜନସ୍ୱାଇ୍ୟ ବିଭାଗ । ନୂଆ ବିଭାଗର ମାନ୍ୟତା ପାଇବାର ୧୬ ବର୍ଷ ପରେ ଅମୃତ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହାପୂର୍ବରୁ ପୌରା ଳରେ ୧୭ଟି ଜଳ ଉତ୍ସ ଜରିଆରେ ୩୨ ହଜାରରୁ ହଜାର ପୌରବାସୀଙ୍କ ନିକଟରେ ପହଂଚି ପାରିଥିଲା ଏହି ବିଭାଗ । ମାତ୍ର ୧୫ ଶହ ପରିବାର ଜନ ସ୍ୱାସ୍ଥ୍ୟ ବିଭାଗରୁ ପାଇପ୍ ଯୋଗେ ଜଳ ସଂଯୋଗ ନେଇଥିଲେ । କିନ୍ତୁ ଏହି ମେଗା ପ୍ରକଳ୍ପ ଆରମ୍ଭ ହେବାପରେ ବିଭାଗର ଦାୟିତ୍ୱ ବଢିଛି । ଏହି ଯୋଜନାରେ ପୌରା ଳର ସମସ୍ ୩୦ଟି ୱାର୍ଡର ୨୫ ହଜାର ପରିବାରଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସ୍ଥିର ହୋଇଛି । ପୂର୍ବରୁ ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଦେଢହଜାର ଉପଭୋକ୍ତା ରହିଥିବାବେଳେ, ଇତିମଧ୍ୟରେ ୪ ହଜାର ଅଧିକ ପରିବାରଙ୍କୁ ପାନୀୟ ଜଳ ସଂଯୋଗ ଦିଆସରିଛି । ପ୍ରତ୍ୟେକ ୱାର୍ଡରେ ଏହି ସଂଯୋଗ ପ୍ରକ୍ରିୟା ଜାରି ରହିଛି । ଯେଉଁ ଅଳ୍ପ କିଛି ପାଇପ୍ ବିଛା କାର୍ଯ୍ୟ ବାକି ରହିଛି, ତାହା ସଂପୂର୍ଣ୍ଣ ହୋଇଗଲେ, ସହରବାସୀ ଉକ୍ତ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ । ଆଗାମୀ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଏହି ପ୍ରକଳ୍ପ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଯିବ ବୋଲି ଇଂ ଜେନା ଆଶା ପ୍ରକଟ କରିଛନ୍ତି । ନୂତନ ପାଇପ୍ ଲାଇନ୍ ସଂଯୋଗ ପାଇଁ ପୂର୍ବରୁ ଜଣେ ଗ୍ରାହକଙ୍କୁ ୩ ହଜାର ୬୦ ଟଙ୍କାର ଅମାନତ ଜମା ଦେବାକୁ ପଡୁଥିବାବେଳେ ନୂତନ ପ୍ରକଳ୍ପରେ ଉପଭୋକ୍ତାଙ୍କୁ ସଂଯୋଗ ପାଇଁ ଟଙ୍କାଟିଏ ମଧ୍ୟ ଦେବାକୁ ପଡିବ ନାହିଁ । କିନ୍ତୁ ପରବର୍ତୀ ସମୟରେ ଜଳ କର ଦେବାକୁ ପଡିବ । ଏହି ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ, ତାକୁ ନେଇ ଏବେ ବି ଅନିଶ୍ଚିତତା ଲାଗି ରହିଛି ।

ଅର୍ଦ୍ଧ ନିର୍ମିତ ଅବସ୍ଥାରେ ତଳାରିମାହା ରାସ୍ତା ଲୋକେ ପାଉନାହାନ୍ତି ଉପକାର

କନ୍ଧମାଳ,୧୩।୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଅଧିନସ୍ଥ ଘୁ ଉଦୟଗିରି ବ୍ଲକର ତଳାରିମାହା ଗ୍ରାମ ପଂଚାୟତ ଏବଂ ବସ୍ତିଙ୍ଗିଆ ଗ୍ରାମ ପଂଚାୟତ ସହ ସଂଯୋଗ କରିବାପାଇଁ ୨୧୯.୮୦ଲକ୍ଷ ଟଙ୍କା ସରକାରୀ ଅନୁଦାନରେ ୨୦/୦୬/୨୦୧୮ତାରିଖରେ ପ୍ରଧାନମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ସରକାରୀ ନିର୍ଦ୍ଦେଶ ଅନୁସାରେ ୨୫/୦୫/୨୦୨୦ତାରିଖରେ କାର୍ଯ୍ୟ ଶେଷ ହେବାରଥିଲା ହେଲେ ସରକାରଙ୍କ ତରଫରୁ କାର୍ଯ୍ୟଶେଷ ଧାର୍ଯ୍ୟ ସମୟ ଠାରୁ ୧ ବର୍ଷରୁ ଉର୍ଦ୍ଧ ସମୟ ଗଡି ଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲା ନାହିଁ । ଯାହାପାଇଁ ଗଟାମାହା, ଦୁଗୁଡି(କ), ଡୁଗୁଡି (ଖ), ଡାଡିସାହି, ପଧାନପଡ଼ା, ଖାସିରିଖୋଲ, ଅଂଚଳର ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଥିବା ସମାଜସେବୀ ରାଜେଶ କୁମାର ବର୍ଗର୍ତି ଅଭିଯୋଗ କରିଛନ୍ତ । ଯାହାକି ମୁଖ୍ୟ ରାସ୍ତାଠାରୁ ତିନି କିମି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ଅଟକି ରହିଛି । ନିର୍ମିତ ତିନି କିମି ରାସ୍ତା ଦବି ପିଚୁ ଉଠିବା ସହ ଅତି ନିମ୍ନମାନର ହୋଇଥିବା ସମାଜସେବୀ ଅଭିଯୋଗ କରିଛନ୍ତି ।କେବଳ ଏତିକି ନୁହେଁ ରାସ୍ତା ନିର୍ମାଣ କାମରେ କାର୍ଯ୍ୟ କରୁଥିବା ଦିନମଜୁରିଆଙ୍କୁ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ମଜୁରୀ ଟଙ୍କା ଦିଆଯାଇନଥିବା ସମାଜସେବୀ ଅଭିଯୋଗ କରିଛନ୍ତି । ତେଣୁ ଯଥା ସମ୍ଭବ କାମ ସାରିବା ସହ ଦିନ ମଜୁରିଆଙ୍କ ବାକିଆ ଟଙ୍କା ଠିକା ସଂସ୍ଥା ପକ୍ଷରୁ ପଇଠ ପାଇଁ ମଧ୍ୟ ସମାଜସେବୀ ସରକାରଙ୍କ ପାଖରେ ଦାବୀ କରିଛନ୍ତି । ଘଟଣା ସମ୍ପର୍କରେ ଠିକାଦାର ସଂସ୍ଥାର ଗୁମାସ୍ତାଙ୍କୁ ପଚାରିବୁଝିବା ପାଇଁ ଚେଷ୍ଟାକରିଥିଲେ । ଏବାବଦରେ କୌଣସି ପ୍ରତିକ୍ରିଆ ଦେବାକୁ ମନା କରିଥିଲେ । ତେଣୁ ଘଟଣାର ତଦନ୍ତ କରି ରାସ୍ତା ନିର୍ମାଣ କାର୍ଯ୍ୟସାରିବା ସହ ସରକାରଙ୍କ ନିର୍ଦ୍ଧାରିତ ମାନର ରାସ୍ତା ନିର୍ମାଣ କାମ କରିବା ସହ ଦିନମଜୁରିଆଙ୍କ ବାକିଆ ମଜୁରୀ ପ୍ରଦାନ କରିବା ପାଇଁ ସାଧାରଣରେ ଦାବୀ ହୋଇଛି ।

କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କାର୍ଯ୍ୟାନୁଷ୍ଠାନ

୯ ହଜାର ୭୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡ,୧୩।୯ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୧୧ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୯ ହଜାର ୭୦୦ ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ପାରାଖେମୁଣ୍ଡି ଆଦର୍ଶ ଥାନା ୨୧୦୦ ଟଙ୍କା, ରାୟଗଡ଼ ଥାନା ୮୦୦ ଟଙ୍କା, ଗୁରାଣ୍ଡି ଥାନା ୧୪୦୦ ଟଙ୍କା, ଗାରାବନ୍ଧ ଥାନା ୮୦୦ ଟଙ୍କା, କାଶୀନଗର ଥାନା ୧୬୦୦ ଟଙ୍କା, ମୋହନା ଥାନା ୧୦୦୦ ଟଙ୍କା, ଅଡ଼ବା ଥାନା ୧୬୦୦ ଟଙ୍କା ଏବଂ ରାମଗିରି ଥାନା ପୋଲିସ ପକ୍ଷରୁ ଜୋରିମାନା ବାବଦକୁ ୪୦୦ ଟଙ୍କା ଆଦାୟ କରାଯାଇଛି ।

୫୦ ଫୁଟ ଉଚ୍ଚ ପାଣିଟାଙ୍କି ଉପରୁ ଉଦ୍ଧାର ହେଲେ ମାନସିକ ବିକୃତ ବ୍ୟକ୍ତି

କନ୍ଧମାଳ,୧୩।୯ (ନି.ପ୍ର): କନ୍ଧମାଳ, ଜିଲ୍ଲା କୋଟଗଡରେ ଜଣେ ମାନସିକ ବିକୃତ ବ୍ୟକ୍ତି ଏକ ୫୦ ଫୁଟ ଉଚ୍ଚର ଏକ ପାଣି ଟାଙ୍କିକୁ ଚଢିବା ସହିତ ଉପରୁ ଡ଼େଇଁବା ପାଇଁ ଉଦ୍ୟମ କରିଥିଲେ । ଲୋକଙ୍କ ଠାରୁ ଖବର ପାଇ କୋଟଗଡ଼ ଦମକଳ ବାହିନି ଘଟଣା ସ୍ଥଳରେ ପହଁଚି ଉକ୍ତ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିକୁ ଉଦ୍ଧାର କରିଛନ୍ତି । ତାଙ୍କ ବୟସ ପ୍ରାୟ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଇଛି । ତେବେ ତାଙ୍କର ନାମ କିମ୍ବା ଅନ୍ୟ କୌଣସି ଠିକଣା ଜଣାପଡ଼ି ନାହିଁ । ଘଟଣା ଘଟିଛି କନ୍ଧମାଳ ଜିଲା କୋଟଗଡ଼ ବ୍ଲକର ଜୁବାଗୁଡ଼ା ପଂଚାୟତରେ । ଖବର ପ୍ରକାରେ, ଆଜି ମଧ୍ୟାହ୍ନ ପ୍ରାୟ ୧୧ଟା ସମୟରେ ଅଠାଡ଼ ଜଣେ ମାନସିକ ବିକୃତ ଯୁବକ ଉକ୍ତ ପାଣିଟାଙ୍କି ନିକଟକୁ ଯାଇ ତାଉପରେ ଚଢି ଯାଇଥିଲା । ତେବେ ଦେଖୁ ଦେଖୁ ଯୁବକ ଜଣକ ଉକ୍ତ ୫୦ଫୁଟ ଉପରକୁ ଚଢିଯାଇ ଡ଼େଇଁ ପଡ଼ିବା ପାଇଁ ଉଦ୍ୟମ କରିଥିଲା । ଏଥିରେ ଗ୍ରାମବାସୀ ହସ୍ତକ୍ଷେପ କରିବା ପରେ ଯୁବକ ଜଣକ ୫୦ଫୁଟ ଉଚରେ ଥିବା ପାଣିଟାଙ୍କିକୁ ଡ଼େଇଁ ପଡ଼ିଥିଲା । ସଙ୍ଗେ ସଙ୍ଗେ ଗ୍ରାମବାସୀ ମାନେ କୋଟଗଡ଼ ଦମକଳ ବାହିନିକୁ ଡ଼ାକିବା ପରେ ଦମକଳ ବାହିନି ଦଳ ସେଠାର ପହଁଚି ପ୍ରାୟ ୧ ଘଣ୍ଟା ଉଦ୍ୟମ ପରେ ବିକୃତ ମାନସିକ ବ୍ୟକ୍ତିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବାର ଜଣାପଡିଛି ।

କୋ

ଚିଟଫଣ୍ଡ କମ୍ପାନୀ ଗ୍ରୀନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଗିରଫ

ଗଞ୍ଜାମ,୧୩।୯ (ନି.ପ୍ର): ଚିଟଫଣ୍ଡ କମ୍ପାନୀ ଗ୍ରୀନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ (ଏମଡି) ପ୍ରଦୀପ ସିଂହ (୪୧)ଙ୍କୁ ବ୍ରହ୍ମପୁର ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । କେସ୍ ନଂ ୯୮/୨୦୧୬ ରେ ପ୍ରଦୀପଙ୍କୁ ଗିରଫ କରାଯାଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି ଟାଉନ୍ ଏସଡ଼ିପିଓ ବିଷ୍ଣୁ ପ୍ରସାଦ ପତି । ପ୍ରଦୀପଙ୍କ ନାମରେ ଟାଉନ୍ ଥାନାରେ ୫ଟି ମାମଲା ରହିଥିବା ବେଳେ ୨୦୧୩ରେ ରୁଜୁ ହୋଇଥିବା ୧୫୨/୨୦୧୩ ମାମଲା ସିବିଆଇକୁ ହସ୍ତାନ୍ତର ହୋଇଛି । ଅନ୍ୟ ୪ଟି ମାମଲା ଟାଉନ୍ ଥାନାରେ ପେଣ୍ଡିଙ୍ଗ ରହିଛି ।

ଏନେଇ ଅଧିକ ସୂଚନା ଦେଇ ଏସଡ଼ିପିଓ ଶ୍ରୀ ପତି କହିଛନ୍ତି ଯେ, ଏହି ମାମଲାର ଅଭିଯୋଗକାରୀ ହେଉଛନ୍ତି ନବଘନ ବେହେରା । ଗ୍ରୀନ୍ ଇଣ୍ଡିଆ କମ୍ପାନୀ ତାଙ୍କ ଠାରୁ ୧୫ ଲକ୍ଷ ଟଙ୍କା ଠକି ନେଇଥିବା ସେ ଅଭିଯୋଗ କରିଥିଲେ । ତେବେ ଥାନାରେ ମାମଲା ରୁଜୁ ନହେବାରୁ ସେ କୋର୍ଟର ଦ୍ୱାରସ୍ଥ ହୋଇ ୱାନସିସିରେ ମାମଲା ରୁଜୁ କରିଥିଲେ । କୋର୍ଟ ନବଘନଙ୍କ ଅଭିଯୋଗକୁ ଭିତି କରି ତଦନ୍ତ କରିବାକୁ ଟାଉନ୍ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ କେସ୍ ନଂ ୯୮/୨୦୧୬ ଭାରତୀୟ ପିଙ୍ଗଳ କୋଡ୍ ର ଦଫା ୪୦୯/ ୪୨୦/, ୪/୫/୬ ପ୍ରାଇସ୍ ଚିଟ୍ ଆଣ୍ଡ ମନି ସାର୍କୁଲେସନ ସ୍କିମ୍ ଆକ୍ଟ ୧୯୭୮/ ସେକ୍ସନ ୬ ଅଫ୍ ଓପିଆଇଡି ଆକ୍ଟ ୨୦୧୧ ରେ ମାମଲା ରୁଜୁ ହୋଇଥିଲା । ଏହାକୁ ଭିତି କରି ଟାଉନ୍ ଥାନା ପୋଲିସ ପ୍ରଦୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ରାୟଗଡ଼ା ଜିଲ୍ଲାରେ ଆଜି ୬୦୦୦ ଟପିଲା, ମୃତ୍ୟୁ ସଂଖ୍ୟା ୩୩ରେ ପହଞ୍ଚିଛି : ଜିଲ୍ଲାରେ ସଂକ୍ରମଣ ହାର ଉଦ୍‌ବେଗ ଜନକ

ରାୟଗଡ଼ା,୧୩।୯ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ କରୋନା ତାର କାୟା ହୁ ହୁ ହୋଇ ବିସ୍ତାର କରିବାରେ ଲାଗିଛି । ଜିଲ୍ଲାରେ ଅମାନିଆଙ୍କ ସଂଖ୍ୟା ବୃଦ୍ଧି ପାଉଛି, ପ୍ରଶାସନର ବି ଅବହେଳା ରହିଛି । ଦୀର୍ଘ ପ୍ରାୟ ୬ ମାସ ଅନ୍ତରରେ ରାୟଗଡା ଜିଲ୍ଲାବାସୀ ଲକଡାଉନ ଓ ସଟଡାଉନରୁ ମୁକ୍ତି ପାଇଛନ୍ତି ।ଜିଲ୍ଲା ପ୍ରଶାସନ ତରଫରୁ ସାମାଜିକ ଦୂରତ୍ୱ ଓ ଜନଗହଳିକୁ ରୋକ ଲଗାଯାଇଛି ହେଲେ କିଛି ଲୋକ ମନୁନାହାନ୍ତି ଯାହାର ଫଳସ୍ୱରୂପ ଆଜି ରାୟଗଡରେ ସଂକ୍ରମଣଙ୍କ ସଂଖ୍ୟା ୬୦୦୦ ଟପିଯାଇଛି । ଗତ ୪ ତାରିଖରୁ ସମସ୍ତ ଦୋକାନ ବଜାର ଖୋଲାଯାଇଛି । ଆଜି ଜିଲ୍ଲାରେ ୯୮ ଜଣ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ୬୧ ଜଣ ପୁରୁଷ ଥିବା ବେଳେ ୩୭ ଜଣ ମହିଳା ଅଛନ୍ତି । ସମସ୍ତ ଆକ୍ରାନ୍ତ ଘରୋଇ ସଙ୍ଗ ରୋଧରୁ ଚିହ୍ନଟ ହୋଇଥିବା ବେଳେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ୫୮ ଜଣ ଆକ୍ରାନ୍ତ ହୋଇଛନ୍ତି । ଏଥି ସହିତ ୧୩ ଜଣ କରୋନା ଯୋଦ୍ଧା ଆକ୍ରାନ୍ତ ହୋଇଛନ୍ତି । ରାୟଗଡ଼ା ପୌରାଞ୍ଚଳରୁ ଜଣେ ଓ ରାୟଗଡ଼ା ଗ୍ରାମାଞ୍ଚଳରୁ ୪ ଜଣ, ବିଷମକଟକରୁ ୩୨ ଜଣ, ମୁନିଗୁଡାରୁ ୧୩ ଜଣ, ଗୁଡ଼ାରୀରୁ ୭ ଜଣ, ରାମନାଗୁଡାରୁ ୪ ଜଣ, ଗୁଣୁପୁର ପୌରାଞ୍ଚଳରୁ ୭ ଏବଂ ଗୁଣୁପୁର ଗ୍ରାମାଞ୍ଚଳରୁ ୩ ଜଣ ଏବଂ କାଶିପୁରରୁ ୧୮ ଜଣ ଓ କୋଲନରାରୁ ୯ ଜଣ ଚିହ୍ନଟ ହୋଇଥିବା ଜଣାପଡିଛି । ବର୍ତ୍ତମାନ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସର୍ବମୋଟ ୬୦୮୬ ରେ ପହଞ୍ଚି ସାରିଛି । ଏବଂ ୫୩୪୧ ଜଣ ସୁସ୍ଥ ହୋଇ ଫେରିଥିବା ଜଣା ପଡ଼ିଛି ଏବଂ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୩ରେ ପହଁଚିଛି । ୭୧୨ ଜଣ ଜିଲ୍ଲାରେ ଥିବା ବିଭିନ୍ନ କୋଭିଡ୍ କେୟାର ସେଣ୍ଟର୍ ରେ ଚିକିତ୍ସିତ ହେଉଥିବା ସହ ଘରୋଇ ସଙ୍ଗ ରୋଧରେ ମଧ୍ୟ ରହି ଚିକିତ୍ସିତ ହେଉଛନ୍ତି । ଜିଲ୍ଲାପାଳଙ୍କ ମନ୍ତବ୍ୟରେ ସେ ସର୍ବସାଧାରଣଙ୍କୁ ଏହା ଜଣାଇଛନ୍ତି କି ଯେ ଜିଲ୍ଲାରେ ଟେଷ୍ଟ ସଂଖ୍ୟା ବଢ଼ିଛି ତେଣୁ ପଜିଟିଭ୍ ସଂଖ୍ୟା ବି ବଢୁଛି, ଏଥିରେ ଭୟ କରିବାର ନାହିଁ, ଆଗାମୀ ଦିନରେ ଏହା କମି କମି ଆସିବ । ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପ୍ରଶାସନ ଓ ମନ୍ତ୍ରୀ ନେତାଙ୍କ ପକ୍ଷରୁ କରୋନା ମୁକାବିଲା ପାଇଁ ଆଲୋଚନା ଓ ସମିକ୍ଷା ଚାଲିଥିବା ଜଣାପଡିଛି । ଗ୍ରାମାଞ୍ଚଳ ରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀ, କର୍ମଚାରୀ ଏହି ଯୁଦ୍ଧରେ ଭାଗ ନେଇଛନ୍ତି । ସମସ୍ତେ ଦିନ ରାତି ଭୁଲି କରୋନାକୁ ପରାସ୍ତ କରିବା ପାଇଁ ଲାଗି ପଡିଛନ୍ତି । ଆମେ ସମସ୍ତେ କରୋନାକୁ ଘୃଣା କରିବା କିନ୍ତୁ ରୋଗୀକୁ କେବେ ବି ନୁହଁ । କାରଣ ରୋଗ ସବୁବେଳେ ଆମ ସହ ରହିଛି ଆଉ ଯେଉଁ ପର୍ଯ୍ୟନ୍ତ ଏହାର ଠିକ୍ ଔଷଧ ବାହାରିନି ସେତେବେଳ ଯାଏଁ ଆମ ସହିତ ରହିବ । ତେଣୁ ପ୍ରଶାସନ ତରଫରୁ ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ୍ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଇଛି ।

ଆସ୍କା ସୂତା କଳ ଓ.ଟି.ଏମ୍. ଖୋଲିବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର,୧୩ ସେପ୍ଟେମ୍ବର – କରୋନା ସଂକ୍ରମଣ ଆରମ୍ଭ ହେବାପରେ ପାଖାପାଖି ୭ଲକ୍ଷ ପ୍ରବାସୀ ଶ୍ରମିକ ଗୁଜୁରାଟ, ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁର, ହାଇଦ୍ରାବାଦ୍ ଓ ମୁମ୍ବାଇରୁ ଓଡ଼ିଶା ଫେରିଥିଲେ । ମାର୍ଚ୍ଚରୁ ସେପ୍ଟେମ୍ବର ୬ ମାସ ଭିତରେ ସେମାନଙ୍କୁ କୌଣସି ରୋଜଗାର ମିଳିଲା ନାହିଁ । ଫଳରେ ଭୋକର ଦାଉକୁ ସହି ନପାରି କରୋନା ସଂକ୍ରମଣକୁ ବେଖାତିର କରି ହଜାର ହଜାର ଶ୍ରମିକ ପୁଣି ଓଡ଼ିଶା ଛାଡ଼ିବା ପାଇଁ ବାଧ୍ୟ ହୋଇଛନ୍ତି । ତେଣୁ ଓଡ଼ିଆ ଶ୍ରମିକମାନଙ୍କର ଦାଦନ ଚାଲାଣକୁ ରୋକିବା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଦାବି କରିଛନ୍ତି । ସଙ୍ଗେ ସଙ୍ଗେ ଆସ୍କା ସୂତାକଳ, ଚୌଦ୍ୱାରଠାରେ ପ୍ରତିଷ୍ଠିତ ଓ.ଟି.ଏମ୍. ଖୋର୍ଦ୍ଧା, ତିର୍ଲୋଲ ଓ ବାଲିଆପାଳଠାରେ ଥିବା ସୂତାକଳକୁ ତୁରନ୍ତ ଖୋଲିବା ପାଇଁ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଦାବି କରିଛନ୍ତି । ଗତକାଲିଠାରୁ ଗୁଜୁରାଟକୁ ଚାଲିଥିବା ତିନୋଟି ଶ୍ରମିକ ସ୍ପେସାଲ୍ ଟ୍ରେନ୍‌ରେ ପାଖାପାଖି ୫ ହଜାର ଶ୍ରମିକ ଗୁଜୁରାଟ ଫେରିଲେଣି । ଆହୁରି ମଧ୍ୟ ଆଗାମୀ ମାସେ ପର୍ଯ୍ୟନ୍ତ ଏହି ଶ୍ରମିକ ସ୍ପେସାଲ୍ ଟ୍ରେନ୍‌ରେ ସମସ୍ତ ଟିକେଟ୍‌ର ବୁକିଂ ଶେଷ ହୋଇଯାଇଛି । ଏହାବ୍ୟତୀତ ଦିଲ୍ଲୀ, କଲିକତା, ହାଇଦ୍ରାବାଦ, ଚେନ୍ନାଇ ଭଳି ସହରକୁ ପ୍ରତିଦିନ ଶହଶହ ଶ୍ରମିକ ଓଡ଼ିଶାରୁ ଯିବାରେ ଲାଗିଛନ୍ତି । ଓଡ଼ିଶା ସରକାର ତୁରନ୍ତ ଏହି ଶ୍ରମିକମାନଙ୍କୁ ରୋଜଗାର ଯୋଗାଇ ନ ଦେଲେ ଆଗାମୀ ଦିନରେ ଆହୁରି ହଜାର ହଜାର ଶ୍ରମିକ ବିଭିନ୍ନ ସହରକୁ କାମଧନ୍ଦା ଅନ୍ୱେଷଣରେ ଚାଲିଯିବାର ଆଶଙ୍କା ପ୍ରକାଶ ପାଇଛି । ଦାଦନରେ ଏହି ଦାରୁଣ ଚିତ୍ରକୁ ହୃଦୟଙ୍ଗମ କରି ତୁରନ୍ତ ରାଜ୍ୟ ସରକାର ଏହିସବୁ ସୂତାକଳ ଖୋଲି ରାଜ୍ୟର ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାକୁ ଶ୍ରୀ ବେହେରା ତାଙ୍କ ଚିଠିରେ ଦାବି କରିଛନ୍ତି ।

ଖଡିଆଳରୁ ନୂଆ ୩୪ କୋଭିଡ୍ ପଜିଟିଭ୍ ଚିହ୍ନଟ

ନୂଆପଡା,୧୩।୯ (ନି.ପ୍ର): ନୂଆପଡା ଜିଲ୍ଲାର ଖଡିଆଳ ବ୍ଲକ ଏବଂ ଏନଏସିରେ ୩୪ ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ନୂତନ ପଜିଟିଭଙ୍କୁ ମିଶାଇ ଜିଲାରେ ୧୬୨୩ ରେ ପହଂଚିଛି । ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦରେ ୯ ଜଣ ଏବଂ ଖଡିଆଳ ବ୍ଲକର ଗ୍ରାମାଂଚଳରେ ୨୫ ଜଣ ରହିଛନ୍ତି । ବିଜ୍ଞାପିତ ଅଂଚଳ ପରିଷଦର ୨ନଂ ୱାର୍ଡରୁ ୪ ଜଣ, ୩ ଓ ୪ ନଂରୁ ୨ ଜଣ ଲେଖାଏଁ ଏବଂ ୮ ନଂରୁ ଜଣେ କୋଭିଡ ପୋଜିଟିଭରେ ଚିହ୍ନଟ ହୋଇଥିବା ସୂଚନା ମିଳିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

କରୋନା ସମୟରେ...

ପୂର୍ବ ଭାରତ ଓ ଉତ୍ତର ପୂର୍ବ ଅଞ୍ଚଳର ଅଭିବୃଦ୍ଧି ଏବଂ ବିକାଶ ନହେଲେ ସମଗ୍ର ଭାରତର ସନ୍ତୁଳିତ ବିକାଶ ଅସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ତିନି ବର୍ଷ ପୂର୍ବେ ଅଗଷ୍ଟ ୧୫ ତଥା ସ୍ୱାଧୀନତା ଦିବସରେ ଐତିହାସିକ ଲାଲକିଲ୍ଲା ଠାରୁ 'ମିଶନ ପୂର୍ବୋଦୟ' ଆରମ୍ଭ କରିଥିଲେ । ବିହାରରକୁ ଆର୍ଥିକ ରୂପେ ସମ୍ପନ୍ନ କରି ମୁଖ୍ୟସ୍ରୋତରେ ଯୋଡିବା ପାଇଁ ପ୍ରଧାନମନ୍ତ୍ରୀ ନିରନ୍ତର ଉଦ୍ୟମରତ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହିଁ ବିହାରରେ ଦୀର୍ଘ ଦିନରୁ ଅଚଳ ପଡିଥିବା ବରୋନି ବିଶୋଧନାଗାରକୁ କାର୍ଯ୍ୟକ୍ଷମ କରାଗଲା । ଆଗାମୀ ପିଢିର ଭିତିଭୂମିର ବିକାଶ ପାଇଁ ବିହାରରେ ପ୍ରାକୃତିକ ଗ୍ୟାସ ପାଇପଲାଇନର ଶୁଭାରମ୍ଭ ହୋଇଛି ବୋଲି ସେ କହିଛନ୍ତି ।

ବଙ୍ଗୋପସାଗରରେ ...

ଗଜପତି, ନବରଙ୍ଗପୁର ଜିଲ୍ଲାର ଏକ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ଯେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୧୫ ତାରିଖ ସୁଦ୍ଧା ମାଲକାନଗିରି , କୋରାପୁଟ, ଗଜପତି ଓ ରାୟଗଡା ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

କରୋନାକୁ ଅଣଦେଖା...

ତଥା ସାଂସ୍କୃତିକ ଗଣପର୍ବ ହେଉଛି ନୂଆଁଖାଇ । ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଲାଗି ହେବା, ସ୍ଥାନୀୟ ଜୀବନଜୀବିକାକୁ ବଢ଼ାଇବା, ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ଓ ଆତ୍ମନିର୍ଭର ହେବା ସହ ନୂଆ କଳ୍ପନା ଓ ନୂଆ ବିଚାରକୁ ନେଇ ଆଗକୁ ବଢ଼ିବାର ମହାନ୍ ଏବଂ ଅନନ୍ୟ ପରମ୍ପରା ନୂଆଁଖାଇ ବୋଲି ଶ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମରେ କହିଛନ୍ତି ।

ରାଜ୍ୟରେ ଆଉ ୧୦....

ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରେ ପାଡିତ ଥିଲେ । କଟକ ଜିଲ୍ଲାର ଜଣେ ୭୪ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ମଧୁମେହରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ କ୍ରନିକ କିଡନି ରୋଗରେ ପୀଡିତ ଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ଜଣେ ୮୪ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ ।

ଗୋଟିଏ ଦିନରେ...

କୋରାପୁଟ ଜିଲ୍ଲାରେ ୪୭୫୯ , ମାଲକାନଗିରି ଜିଲ୍ଲାରେ ୨୭୮୮, ମୟୁରଭଂଜ ଜିଲ୍ଲାରେ ୫୬୧୮. ନବରଙ୍ଗପୁର ଜିଲ୍ଲାରେ ୨୧୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୭୯୭, ନୂଆପଡା ଜିଲ୍ଲାରେ ୧୪୯୫ , ପୁରୀ ଜିଲ୍ଲାରେ ୬୨୮୭, ରାୟଗଡା ଜିଲ୍ଲାରେ ୬୦୮୬. ସମ୍ବଲପୁର ଜିଲ୍ଲାରେ ୩୯୮୭ . ସୁବର୍ଣ୍ଣପୁର ଜିଲ୍ଲାରେ ୧୭୪୩ ଓ ସୁନ୍ଦରଗଡ ଜିଲ୍ଲାରେ ୫୫୩୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ପି.ଆର.ଏମ. ମେଡିକାଲ ...

କଜେଲ ଏବଂ ବାରିପଦା ମୁଖ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ରାଜ୍ୟ ସରକାରଙ୍କ ନିକଟରେ ଡାଏଲିସିସ ପଜିଟିଭ ମେସିନ ଯୋଗାଣ ନିମନ୍ତେ ତୁରନ୍ତ ଅନୁରୋଧ କରିବାର ଆବଶ୍ୟକତା ରହିଛି ବୋଲି ପୂର୍ବତନ ସିନେଟ ଏବଂ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନୀବନ ପଟ୍ଟନାୟକ ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଏହି ଡାଏଲିସିସ ପଜିଟିଭ ମେସିନ ତୁରନ୍ତ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

ସୀମାନ୍ତରେ ଜଣେ ଯବାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କଲେ ମାଓବାଦୀ

ମାଲକାନଗିରି, ୧ ୩ ସେପ୍ଟେମ୍ବର (ହି. ସ.)-ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାରେ ମାଓବାଦୀ ମାନେ ଜଣେ ଯବାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ତାଙ୍କର ମୋଟର ସାଇକେଲ ନେଇ ଫେରାର ହୋଇଯାଇଥିଲେ !ଗୁରୁତର ଅବସ୍ଥାରେ ସେ ରାସ୍ତାରେ ପଡ଼ିଥିବା ଖବର ପାଇଁ ପୋଲିସ ଘଟଣା ସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବିଜାପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ କମାଲ ଲୋଚନ କଶ୍ୟପ ସୂଚନା ଦେଇଛନ୍ତି । ପୋଲିସ ସୂଚନା ଅନୁସାରେ ବିଜାପୁରଜିଲ୍ଲା ସଦରମହକୁମା ଜେଲବାଡା ରେ ରହୁଥିବା ଯବାନ ଲାଛୁ ମର୍ଦ୍ଦି ତେୟନାର ଥାନା ଅନ୍ତର୍ଗତ ମିଡ଼ତେ ଗ୍ରାମକୁ ନିଜ ମୋଟର ସାଇକେଲ ରେ ଯାଉଥିବାବେଳେ ତାଙ୍କୁ ବାଟରେ କିଛି ମାଓବାଦୀ ଘେରି ଯାଇ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ରାସ୍ତାରେ ପକାଇ ଚାଲିଯାଇଥିଲେ !ସେହି ରାସ୍ତାରେ ଯାଉଥିବା କିଛି ଲୋକ ରକ୍ତ ଜୁଡୁବୁଡୁ ହୋଇ ଯବାନ ପଡ଼ିଥିବା ଦେଖି ନିକଟସ୍ଥ ପୋଲିସ ଥାନାକୁ ଜଣାଇଥିଲେ !

+ ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୧୩।୯ (ନି.ପ୍ର): ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ। ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଗ୍ରର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ

ସୋମବାର,୧୪ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

୨୪ ଘଂଟାରେ ସୁସ୍ଥ ହେଲେ ୩୩୬୩ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୩।୯ (ନି.ପ୍ର): ରାଜ୍ୟରେ ଆଜି କରୋନାରୁ ୩୩୬୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୧୮ ହଜାର ୬୪୨କୁ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ଆଜି ୮୦୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୩୪୮ ଜଣ, ପୁରୀ ଜିଲ୍ଲାରୁ ୨୮୦ ଜଣ, ମୟୂରଭଂଜ ଜିଲ୍ଲାରୁ ୨୦୬ ଜଣ, ରାୟଗଡ଼ା ଜିଲ୍ଲାରୁ ୧୭୩ ଜଣ, ଭଦ୍ରକ ଜିଲ୍ଲାରୁ ୧୪୪ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୨୦ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧୧୬ ଜଣ ଓ ଗଂଜାମ ଜିଲ୍ଲାରୁ ୧୧୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୮୯ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୮୭ ଜଣ, କନ୍ଧମାଳ ଜିଲ୍ଲାରୁ ୮୫ ଜଣ, କୋରାପୁଟ ଜିଲ୍ଲାରୁ ୭୧ ଜଣ, ବାଲେଶ୍ୱର, ସମ୍ବଲପୁର ଜିଲ୍ଲାରୁ ୬୬ ଜଣ ଲେଖାଏଁ, ବୌଦ୍ଧ ଜିଲ୍ଲାରୁ ୬୫ ଜଣ, ନୟାଗଡ଼ ଜିଲ୍ଲାରୁ ୫୮ ଜଣ, କେନ୍ଦୁଝର ଜିଲ୍ଲାରୁ ୫୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୪ ଜଣ, ଯାଜପୁର ଜିଲ୍ଲାରୁ ୪୦ ଜଣ, ବଲାଙ୍ଗୀର ଜିଲ୍ଲାରୁ ୩୯ ଜଣ, ଜଗତସିଂହପୁର ଜିଲ୍ଲାରୁ ୩୧ ଜଣ, ଗଜପତି ଜିଲ୍ଲାରୁ ୨୯ ଜଣ, ଅନୁଗୁଳ ଜିଲ୍ଲାରୁ ୨୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୫ ଜଣ, ନବରଙ୍ଗପୁର ଜିଲ୍ଲାରୁ ୨୪ ଜଣ, ମାଲକାନଗିରି ଜିଲ୍ଲାରୁ ୨୨ ଜଣ, ନୂଆପଡ଼ା ଜିଲ୍ଲାରୁ ୧୭ ଜଣ ଓ ଦେବଗଡ଼ ଜିଲ୍ଲାରୁ ୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ବିଲରେ ଟଳିପଡି ମହିଳାଙ୍କ ମୃତ୍ୟୁ

ନୀଳଗିରି,୧୩।୯ (ନି.ପ୍ର): ଅପରାହ୍ନ ୪ଟା ସମୟରେ ଜନୈକ ମହିଳା ବିଲକୁ ଯାଇଥିବାବେଳେ ତାଙ୍କ ମୃତ୍ୟୁ ଯୋଗୁଁ ପରିବାର ଓ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ ଖନ୍ତାପଡା ଅଧିନସ୍ଥ ଦିଖାପଦା ଗ୍ରାମର ଜଗନ୍ନାଥ ସେଠୀଙ୍କ ସ୍ତ୍ରୀ ବାସନ୍ତି(୪୫) ବିଲକୁ ଯାଇଥିଲା ବେଳେ ହଠାତ ସେ ତଳେପଡିଯାଇଥିଲେ । ଖବର ପାଇ ପରିବାର ଲୋକେ ତାଙ୍କୁ ସଂଗେ ସଂଗେ ନୀଳଗିରି ଡାକ୍ତରଖାନା ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଡାକ୍ତର କହିଛନ୍ତି ।

ଗୋଟିଏ ଦିନରେ ୩୯୧୩ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୦୮୦୭କୁ ବୃଦ୍ଧି

ଭୁବନେଶ୍ୱର,୧୩।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୯୧୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୦୮୦୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୧୧୫୨୭୯ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୪୮୪୯ ରହିଛି । ଆଜି ଚିହ୍ନଟ ହୋଇଥିବା ୩୯୧୩ ଜଣଙ୍କ ମଧ୍ୟରୁ ୨୩୪୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୬୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକୁ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୫୫୬ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୦୩ , ବାଲେଶ୍ୱର ଜିଲ୍ଲାରେ ୧୩୪ ଜଣ, ବରଗଡ ଜିଲ୍ଲାରେ ୧୪୬, ଭଦ୍ରକ ଜିଲ୍ଲାରେ ୧୨୩, ବୌଦ୍ଧ ଜିଲ୍ଲାରେ ୬୧ ବଲାଙ୍ଗିର ଜିଲ୍ଲାରେ ୧୪୨, କଟକ ଜିଲ୍ଲାରେ ୩୮୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୫. ଢେଙ୍କାନାଳ ଜିଲ୍ଲାରେ ୭୪, ଗଜପତି ଜିଲ୍ଲାରେ ୧୬, ଗଂଜାମ ଜିଲ୍ଲାରେ ୮୬, ଜଗତସିଂହପୁର ଜିଲ୍ଲାରେ ୧୦୮, ଯାଜପୁର ଜିଲ୍ଲାରେ ୧୩୮ . ଝାରସୁଗୁଡା ଜିଲ୍ଲାରେ ୧୬୨, କଳାହାଣ୍ଡି ଜିଲ୍ଲାରେ ୬୦ . କନ୍ଧମାଳ ଜିଲ୍ଲାରେ ୮୬, କେନ୍ଦ୍ରାପଡା ଜିଲ୍ଲାରେ ୧୫୬ ,କେନ୍ଦୁଝର ଜିଲ୍ଲାରେ ୭୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୦୦ ଜଣ, ମାଲକାନଗିରି ଜିଲ୍ଲାରେ ୬୮ , ମୟୁରଭଂଜ ଜିଲ୍ଲାରେ ୧୪୭ ନବରଙ୍ଗପୁରରେ ୧୧୨, ନୟାଗଡ ଜିଲ୍ଲାରେ ୬୦, ନୂଆପଡା ଜିଲ୍ଲାରେ ୧୨୮ ପୁରୀ ଜିଲ୍ଲାରେ ୨୧୨, ରାୟଗଡା ଜିଲ୍ଲାରେ ୯୮, ସମ୍ବଲପୁର ଜିଲ୍ଲାରେ ୧୪୧ ,ସୋନପୁର ଜିଲ୍ଲାରେ ୯୧ ତଥା ସୁନ୍ଦରଗଡ ଜିଲ୍ଲାରେ ୩୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ବର୍ଷୀୟାନ ଅଭିନେତା ଅଜିତ୍ ଦାସଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର,୧୩।୯ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା ଅଜିତ୍ ଦାସଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତାଙ୍କ ବିୟୋଗରେ ଓଡ଼ିଶା ସିନେ ଜଗତରେ ଏକ ଯୁଗର ଅନ୍ତ ଘଟିଲା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି ଯେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା ଅଜିତ୍ ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବରେ ମର୍ମାହତ । ତାଙ୍କ ମୃତ୍ୟୁରେ ଓଡ଼ିଶା ସିନେ ଜଗତରେ ଏକ ଯୁଗର ଅନ୍ତ ଘଟିଲା । ଦୀର୍ଘ ଦଶନ୍ଧି ଧରି ସେ ଓଡ଼ିଆ ଦର୍ଶକଙ୍କୁ ନିଜ କଳାର ଯାଦୁରେ ବାନ୍ଧି ରଖିପାରିଥିଲେ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଉଛି ।

ପୂର୍ବତନ ସରପଂଚ ନିତ୍ୟାନନ୍ଦ ଶତପଥିଙ୍କ ଦେହାନ୍ତ

ନୀଳଗିରି,୧୩।୯ (ନି.ପ୍ର): ନିଜଗଡର ପୂର୍ବତନ ସରପଂଚ ତଥା ବରିଷ୍ଠ ସମାଜସେବୀ ନିତ୍ୟାନନ୍ଦ ଶତପଥି (୭୬)ଙ୍କର ଶନିବାର ରାତିରେ ଦେହାନ୍ତ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା କ୍ଷଣି ତାଙ୍କ ମରଶରୀରକୁ ଶେଷ ଦର୍ଶନ କରିବା ପାଇଁ ତାଙ୍କ ବାସଭବନରେ ସ୍ଥାନୀୟ ବିଧାୟକ ସୁକାନ୍ତ ନାୟକ କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁଦାସ, ଗଙ୍ଗାଧର ମିଶ୍ର, ପ୍ରଫୁଲ୍ଲ ଦଳେଇ , କଟ ପୃଷ୍ଟି, କାଲୁ ପରିଡା, କାହ୍ନୁ ପରିଡା, କରୁଣାକର ପାତ୍ର, ଅନୀଲ ପ୍ରଧାନ , ପୁଲିନ ଦ୍ୱିବେଦି, ଟୁକୁ ଆଚାର୍ଯ୍ୟ, ରବିପରିଡା, ନଟବର ପରିଡା, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ,ରାଜନେତା, ସାମ୍ବାଦିକ, ଆଇନଜୀବି ତାଙ୍କ ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିବା ସହିତ ପରିବାରକୁ ସମବେଦନା ଜଣାଇଥିଲେ । ସୂଚନା ଥାଉକି ୬ ଶତପଥି ନୀଳଗିରି ଏନଏସି ପୂର୍ବରୁ ନିଜଡଗ ପଂଚାୟତରେ ସରପଂଚ ଭାବେ ନିର୍ବାଚିତ ହୋଇଥିଲେ । ସେ ଜଣେ ମେଳାପି, ପରପୋକାରୀ, ମିଷ୍ଟଭାଷୀ ଓ ସରଳ ସ୍ୱଭାବର ଲୋକ ଥିଲେ । ତାଙ୍କ ମୃତ ଶରୀର ନିକଟରେ ପୁତ୍ର , ପୁତ୍ରବୋଧୁ, ଝିଅ , ଜ୍ୱାଇଁ,ନାତି ନାତୁଣୀ ଉପସ୍ଥିତ ଥିଲେ ।

ଆଉ ନୂଆ ୧୨୩ ଆକ୍ରାନ୍ତ ଚିହ୍ନଟ: ଆକ୍ଟିଭ କେଶ୍ ୯୧୧

ଭଦ୍ରକ,୧୩।୯ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଜି ଆଉ ୧୨୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହା ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୮୮୮ରେ ପହଞ୍ଚିଛି । ମୋଟ ୬୨ ହଜାର ୪୨୪ଜଣଙ୍କ ନମୁନା ପରୀକ୍ଷା ପରେ ଏହି ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତକାଲି ୫୪ଜଣ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୯୬୭ ହୋଇଛି । ଏବେ ଆଉ ୯୧୧ ଜଣ ଆକ୍ରାନ୍ତ ଆକ୍ଟିଭ କେଶ ଭାବେ ଚିକିତ୍ସାଧୀନ ଅଛନ୍ତି । ଆଜି ଚିହ୍ନଟ ୧୨୩ଜଣଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ୨୧ଜଣ, ବାସୁଦେବପୁର ପୌରପାଳିକାରୁ ୫ଜଣ, ଭଦ୍ରକ ବ୍ଲକରୁ ୧୬ଜଣ, ଭଦ୍ରକ ପୌରପାଳିକାରୁ ୧୯ଜଣ, ବନ୍ତ ବ୍ଲକରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକରୁ ୯ଜଣ, ଚାନ୍ଦବାଲି ବ୍ଲକରୁ ୯ଜଣ, ଚାନ୍ଦବାଲି ଏନ୍ଏସିରୁ ୧୭ଜଣ, ଧାମନଗର ବ୍ଲକରୁ ୫ଜଣ, ତିହିଡି ବ୍ଲକରୁ ୨୦ଜଣ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ନୀଳଗିରି ଆରକେସିଏଟିରେ ନିଟ୍ ପ୍ରବେଶିକା ପରୀକ୍ଷା ଦେଲେ ୯୮୩ ଛାତ୍ରଛାତ୍ରୀ

ନୀଳଗିରି,୧୩।୯ (ନି.ପ୍ର): ଭାରତର ସର୍ବବୃହତମ ପ୍ରବେଶିକା ପରୀକ୍ଷା ନିଟ ୨୦୨୦ ପରୀକ୍ଷା ପାଇଁ ନୀଳଗିରି ସହରସ୍ଥିତ ଆରକେସିଏଟି କଲେଜରେ ୧୦୮୦ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେବାର ଥିବାସ୍ଥଳେ ୯୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଅବଶିଷ୍ଟ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡିଛି । ଆରକେସିଏଟିର ନିର୍ଦ୍ଦେଶକ ଇଂ ସୁସିଲ କୁମାର ସିଂ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ସହିତ ପରୀକ୍ଷା ଦେବା ପୂର୍ବରୁ ପ୍ରତି କେନ୍ଦ୍ରକୁ ସାନିଟାଇଜିଂ କରାଯାଇଥିଲା । ସମସ୍ତ ଛାତ୍ରଛାତ୍ରୀ ମାନେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟୀ ରଖି ପରୀକ୍ଷା ଦେଇଥିଲେ । ଅପରପକ୍ଷରେ ଓଡିଶାର ପ୍ରତି ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏତେ ହୋଇଥିଲାଯେ ନୀଳଗିରିରେ ଏକ ପ୍ରକାର ଟ୍ରାଫିକ ଜାମ ହୋଇଯାଇଥିଲା । ଫଳରେ ପୋଲିସକୁ ନାକେଦମ ହେବାକୁ ପଡିଥିଲା ।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୯୪,୩୭୨ ନୂଆ ମାମଲା: ୧୧୧୪ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୩।୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୯୪,୩୭୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୧୧୧୪ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୭,୫୪,୩୫୭ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯,୭୩,୧୭୫ ବର୍ତମାନ ସୁଦ୍ଧା ୭୮,୫୮୬ ଜଣ ମୃତ୍ୟୁ ବରଣ କରିଛନ୍ତି ।

ଜାଗୃତି କଲଚୁରାଲ୍ ଆସୋସିଏସନ୍ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ଶୁଭ ଖୁଣ୍ଟି ସ୍ଥାପନ

ଗୁଣ୍ଡୁପୁର,୧୩।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣ୍ଡୁପୁର ସହରର ମରାଠୀଗୁଡା ଠାରେ ପ୍ରତିବର୍ଷ ବହୁ ଆଡମ୍ବରରେ ମା ଗଜଲକ୍ଷ୍ମୀଙ୍କ ପୁଜା ପାଳିତ ହୋଇ ଆସୁଛି । ଚଳିତ ବର୍ଷ ମହାମାରୀ କରୋନା ପାଇଁ ପୂଜା କିପରି ଭାବରେ ପାଳନ ହେବ ସେ ନେଇ ବହୁ କଳ୍ପନା ଚାଲିଥିଲା । ସେ ସବୁର ଅନ୍ତ ଘଟିଛି, ପୂଜା କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଉପଜିଲ୍ଲାପାଳଙ୍କୁ ପୂଜା କରିବା ନେଇ ସଭାପତି ମନୋରନ ରଥ, ଏବଂ ପୂଜାର କର୍ତ୍ତା ସୂର୍ଯ୍ୟ ନାରାୟଣ ରଥ ଗୁଣ୍ଡୁପୁର ଉପଜିଲ୍ଲାପାଳ ସୋନାଲ ଜେନାଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟ ରେ ପତ୍ର ଦେବା ସହ ଅନୁମତି କାମନା କରିଥିଲେ । ଅପରପକ୍ଷରେ ଉପଜିଲ୍ଲାପାଳ ଅନୁମତି ଦିଆଯିବ ଏବଂ ପ୍ରଶାସନ ସହ ସହଯୋଗ କରି କୋଭିଡ ନିୟମକୁ ପାଳନ କରି ପୂଜା କରିବାକୁ କହିଥିଲେ । ସଭାପତି ମନୋରନ ରଥ ମଧ ସରକାରଙ୍କ ସମସ୍ତ ନିୟମକୁ ସମ୍ମାନର ସହ ପାଳନ କରାଯିବ ଓ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଜି ପ୍ରଥମ ଦିନରେ ମା ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା ଓ ସ୍ଥାନୀୟ ଗଣେଶ ମନ୍ଦିର ରେ ମହାଲକ୍ଷ୍ମୀଙ୍କ ନିକଟରେ ଚାନ୍ଦା ଆଦାୟ ପାଇଁ ଅନୁକୂଳ କରାଯାଇଥିଲା । ଆଜିର ସମସ୍ତ କାର୍ଯ୍ୟ ସରକାରଙ୍କ କୋଭିଡ ୧୯ ନିୟମକୁ ପାଳନ କରି ସାମାଜିକ ଦୂରତ୍ୱକୁ ରକ୍ଷା କରି ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି । ଏଥି ପାଇଁ ସଭାପତି ମନୋରନ ରଥ ଓ ସମ୍ପାଦକ ଶିବ ପ୍ରସାଦ ମହାପାତ୍ର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ମନେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆଜିର ଏହି ପ୍ରଥମ ଦିନର କାର୍ଯ୍ୟକ୍ରମରେ ମନୋରନ ରଥ, ଶିବ ପ୍ରସାଦ ମହାପାତ୍ର, ସୂର୍ଯ୍ୟ ନାରାୟଣ ରଥ, ପୂଜକ ନବୀନ ରଥ, ରାଧାକୃଷ୍ଣ ପଣ୍ଡା, ଦିଲ୍ଲୀପ ରାଜଗୁରୁ, ପ୍ରଦୀପ ପାଢ଼ୀ, ଭଗବାନ ନିଶାଙ୍କ, ଗୋପାଳକୃଷ୍ଣ ପାଣିଗ୍ରାହୀ, ରାଧାକୃଷ୍ଣ ଗୌଡ଼, ପିଣ୍ଟୁ ପାଣିଗ୍ରାହୀ, ପାତ୍ର ବାବୁ, ଅକ୍ଷୟ ରାଜଗୁରୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ରାଜଧାନୀରେ ୧୬ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ଭୁବନେଶ୍ୱର,୧୩।୯ (ନି.ପ୍ର): ଭୁବନେଶ୍ୱର ସହରରୁ ଆଜି ୩୯୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ସଂଗରୋଧରୁ ୧୧୬ ଜଣ ଥିବା ବେଳେ ୨୭୯ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ଅନ୍ୟପକ୍ଷରେ ଗୋଟିଏ ଦିନରେ ଆଉ ୬୦୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ୧୬ ହଜାର ୨୪୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରୁ ୧୧ ହଜାର ୪୩୦ ଜଣ ସୁସ୍ଥ ହୋଇଥିବା ବେଳେ ୪ ହଜାର ୭୩୫ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି । କିନ୍ତୁ ୬୨ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ବିଏମସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସଂଗରୋଧରୁ ଚିହ୍ନଟ ସମସ୍ତ ୧୧୬ ଆକ୍ରାନ୍ତମାନେ ପୂର୍ବରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ । ଏମାନଙ୍କ ମଧ୍ୟରେ ନୟାପଲ୍ଲୀରୁ ୯ ଜଣ, ୬ ଜଣ ପୁଲିସ କର୍ମଚାରୀ, ୟୁନିଟ-୯ରୁ ୫ ଜଣ, ଭୋଇ ନଗର ଗ୍ରୀଡ଼କୋ କଲୋନି, ନିଳାଦ୍ରୀ ବିହାର, ଡୁମଡୁମାରୁ ୪ ଜଣ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ୟୁନିଟ-୯ରୁ ୧୩ ଜଣ, ନୟାପଲ୍ଲୀରୁ ୧୨ ଜଣ,ଖଣ୍ଡଗିରିରୁ ୧୧ , ସାଲିଆ ସାହି ଓ ୟୁନିଟ-୬ରୁ ୯ଜଣ ଲେଖାଏଁ , ରସୁଲଗଡରୁ ୭ ଜଣ , ସିଆରପିଏଫ ପରିସରରୁ ୬ ଜଣ, ୬ ଜଣ ପୁଲିସ କର୍ମଚାରୀ, କେଦାରଗୌରୀ ଲେନ, ଶୈଳଶ୍ରୀବିହାର, କଳ୍ପନ. ପାହାଳ, ଓଲ୍ଡ ଟାଉନ୍ , ଓ ବରମୁଣ୍ଡାରୁ ୫ ଜଣ ଲେଖାଏଁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଭୁବନେଶ୍ୱରରୁ ଆଜି ମୋଟ ୬୦୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିରେ ଆଇଆରସି ଭିଲେଜରୁ ୧୭ ଜଣ , ଜାଗମରା ଗାଁରୁ ୧୬ ଜଣ, ଶୈଳଶ୍ରୀ ବିହାର ଭିଆଇଏମ୍ ଅଂଚଳରୁ ୧୪ ଜଣ, ଆଇଗିଣିଆରୁ ୧୪ ଜଣ, ସମ୍ ହସ୍ପିଟାଲ ଅଂଚଳରୁ ୧୨ ଜଣ,ନିଳାଦ୍ରୀବିହାରରୁ ୧୨ ଜଣ ବିଜେବି ନଗରରୁ ୧୧ ଜଣ କରୋନା ଆକ୍ରାନ୍ତ ରହିଛନ୍ତି ।

ରାଜ୍ୟରେ ଗତ ୨୪ ଘଂଟାରେ ୪୮,୫୦୪ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୧୩।୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୮ ହଜାର ୫୦୪ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୪୧,୧୬୪, ଆରଟିପିସିଆରରେ ୭,୨୦୨ ଓ ଟ୍ରୁନଟ୍‌ରେ ୧୩୮ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୨୪୨୩୧୨୪ ନମୁନାର ପରୀକ୍ଷା କରା ଯାଇଛି ।

ପି.ଆର.ଏମ. ମେଡିକାଲ କଲେ